

ଶବ୍ଦ

୧ମ ସଂସ୍କରଣ


Featuring some good Odia stories and poems...

WhatsApp: +91 7008899643



ସଂଗ୍ରାମ କେଶରୀ ସେନାପତି

(ସମ୍ପାଦକ)



ବିଜୟ ବିଶ୍ୱାଳ

(ଅଳଂକରଣ)

ସମ୍ପାଦକୀୟ...

କାହିଁ କେଉଁ କାଳରୁ ଜଗଜ୍ଜନନୀଙ୍କ ଶରତକାଳୀନ ପୂଜାର ଧାରା ଅବ୍ୟାହତ । ସୃଷ୍ଟିର ପ୍ରାରମ୍ଭରୁ ଏ ସମାଜ ମା' ଆଦିଶକ୍ତିଙ୍କର ଉପାସକ । ଜଗଜ୍ଜନନୀ ଦେବୀ ଦୁର୍ଗା ହେଉଛନ୍ତି ଆଦ୍ୟାଶକ୍ତି । ତାଙ୍କରିଠାରୁ ଉତ୍ପତ୍ତି ହୋଇଛି ଅନନ୍ତ ବିଶ୍ୱ । ଅଖିଳ ବିଶ୍ୱର ଶକ୍ତିର ଆଧାର ହେଉଛନ୍ତି ମା' ଦୁର୍ଗା । ବେଦ ଅର୍ଥାତ୍ ଜ୍ଞାନ ଓ ବିଜ୍ଞାନ ଉଭୟର ତତ୍ତ୍ୱ ଓ ତଥ୍ୟର କେନ୍ଦ୍ରବିନ୍ଦୁ ସେହି ଆଦ୍ୟଶକ୍ତି । ବେଦର ସକଳ ପରମ ରହସ୍ୟ ଏବଂ ତାଙ୍କରି ଶକ୍ତିରେ ହିଁ ବିଜ୍ଞାନର ଆବିଷ୍କାର । ସେ ହିଁ ସକଳ ଶକ୍ତିର ଆଧାର । ସେ ହିଁ ଅନନ୍ତ ବିଶ୍ୱର ଜନନୀ ।

ସେହି ପରମପୂଜ୍ୟା, ଆଦିଶକ୍ତି ଦେବୀ ଦୁର୍ଗାଙ୍କୁ ଉଦ୍ଦେଶ୍ୟରେ ସମର୍ପିତ କରୁଛୁ ଶୁଭୋଦୟର ଏହି ପ୍ରଥମ ସଂସ୍କରଣ ।

ଜୟ ମା' ଦୁର୍ଗା !!



ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ଦୁର୍ଗା ସ୍ତୁତି	ବସନ୍ତ କୁମାର ପ୍ରଧାନ	୫
୨	ଶ୍ରୀଦୁର୍ଗା ଜଣାଣ	ଅଶୋକ କୁମାର ପାଠୀ	୭
୩	ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ	ସଂଗ୍ରାମ କେଶରୀ ସେନାପତି	୯
୪	ଜୟ ମା' ଦୁର୍ଗା	ରଶ୍ମୀ ବାଳା ଶତପଥୀ	୧୧
୫	ମାଆ ମାଆ	କୁନା କୁମାର ଦାଶ	୧୨
୬	ଦୁର୍ଗା	ସୁଶ୍ରୀ ସଙ୍ଗୀତା ସେଠୀ	୧୪
୭	ନବରାତ୍ରୀ	ପ୍ରିୟବ୍ରତ କର	୧୭
୮	ନାରୀ ସଶକ୍ତିକରଣ	ଶର୍ମିଷ୍ଠା ମଲ୍ଲ	୧୮
୯	ଦେବୀ	ପ୍ରେମଶିଲା ରାଉତ	୧୯
୧୦	ରାଣୀହାର	ପଲ୍ଲବୀ ପୂଜାପଣ୍ଡା	୨୧
୧୧	ବାକି ଥିଲା ମହିଷା ବଦ୍ଧ	ମୋନାଲିସା ଜେନା	୨୩
୧୨	ମୁଁ ତାଙ୍କ ଉପରେ ରାଗେ	ଚନ୍ଦ୍ରକାନ୍ତି ପ୍ରଧାନ	୨୬
୧୩	କନ୍ୟାଦାନ	ସୁନିତା ପଟେଲ	୨୯
୧୪	ଗର୍ଭରୁ ଆସୁଛି ଅଳି	ଗଣେଶ ଦାସ	୩୦
୧୫	ଅବ୍ୟର୍ଥ ବିନ୍ଧାଣୀ	ରଶ୍ମିମୟୀ ପତି	୩୧
୧୬	ବଡ଼ମା	ସ୍ୱାଗତିକା ନାୟକ	୩୩
୧୭	ପରୀକ୍ଷା	ସୁନାଲତା ପରିଡ଼ା	୪୨
୧୮	ଆଉ ନାହିଁ	ପ୍ରଭାତ ବଳ	୪୩
୧୯	ତିକ୍ତତା	ପ୍ରଦୀପ କୁମାର ଦାଶ	୪୫
୨୦	ନୈନା	ପ୍ରମୋଦ କୁମାର ବିଶ୍ୱାଳ	୪୭
୨୧	ତୁଠ ପଥରଟା କାନ୍ଦୁଛି	ସନାତନ ଦାସ	୪୮
୨୨	ତୁ	ଚିନ୍ମୟ କୁମାର ସାହୁ	୫୦



ଦୁର୍ଗା ସ୍ତୁତି

ବସନ୍ତ କୁମାର ପ୍ରଧାନ

ଜୟ ଉମା କାତ୍ୟାୟନୀ
ଈଶ୍ୱରୀ ଶିବା ଭବାନୀ
ଅପର୍ଣ୍ଣା ପାର୍ବତୀ ଦୁର୍ଗା କାଳୀ ରୁଦ୍ରାଣୀ
ଜୟ ଗଉରୀ ଅମ୍ବିକା
ହୈମବତୀ ମା' ଚଣ୍ଡିକା
ସର୍ବ ମଙ୍ଗଳା ମୃଡାନି ଜୟ ଶର୍ବାଣୀ
ଆଦ୍ୟାଶକ୍ତି ବିଶ୍ୱ ଜନନୀ,
ଶକ୍ତି ସ୍ୱରୂପିଣୀ ମାଆ ପ୍ରକୃତି ରୂପିଣୀ ।

ଜୟ ଦୁର୍ଗତିନାଶିନୀ
ଜୟ ଦନୁଜ ଦଳିନୀ
ଚଣ୍ଡମୁଣ୍ଡ ବିନାଶିନୀ ମୁଣ୍ଡମାଳିନୀ
ଶୁମ୍ଭ ନିଶୁମ୍ଭ ଘାତିନୀ
ରକ୍ତବୀର୍ଯ୍ୟ ସଂହାରିଣୀ
ମାହେଶ୍ୱରୀ ଦେବକୁଳ ରକ୍ଷାକାରିଣୀ
ତୁ ମହିଷାସୁର ମର୍ଦ୍ଦିନୀ,
ଦଶଭୁଜା ଦଶ ମହାବିଦ୍ୟା ଯୋଗିନୀ ।

ଭବାନୀ ଭବ ମୋଚନୀ
ତ୍ରିନେତ୍ରୀ ଶୂଳ ଧାରିଣୀ
ଜୟା ଅଭୟା ସୁନ୍ଦରୀ ଭବ୍ୟା ଭବାନୀ
ତୁ ବୈଷ୍ଣବୀ ମାହେଶ୍ୱରୀ
ମୁକ୍ତକେଶୀ ମହୋଦରୀ
ଅଗ୍ନିଜ୍ୱାଳା ରୌଦ୍ରମୁଖୀ କାଳ ଯାମିନୀ
ମାଗୋ ସର୍ବ ଶସ୍ତ୍ର ଧାରିଣୀ
ଲାଲ ରଙ୍ଗ ବିମୋହିତା ସିଂହବାହିନୀ ।

ପାପ ତାପ ବିନାଶିନୀ
ସଂସାର ଦୁଃଖ ହାରିଣୀ
ଜଗଦ୍ଧାତ୍ରୀ ମହାମାୟୀ ବିଶ୍ୱ ପାବନୀ
ଜାଗିଛି କରୋନା ଭୟ
ପ୍ରଦାନ କର ଅଭୟ
ମଧୁମୟ ହେଉ ପ୍ରାଣ ହସୁ ଧରଣୀ
ମଧୁ କୈଟଭ ନାଶିନୀ,
କରୋନା ଭୂତାଣୁ ନାଶ କର ଜନନୀ ।

ଶକ୍ତି ଉପାସନା ପର୍ବ
ଦୁର୍ବାସନା କରୁ ଖର୍ବ
ସାତ୍ତ୍ୱିକୀ ଧୃତୀରେ ଉଡୁ ବିଜୟବାନା
ପୀଠେ ପୀଠେ ତୁ ପୂଜିତା
ଦଶଭୁଜା ଦକ୍ଷସୁତା
ଋଦ୍ଧି ସିଦ୍ଧି ମୁକ୍ତିଦାତ୍ରୀ କର କରୁଣା
ନାଶ ମହାମାରୀ କରୋନା,
ଚଉଦିଗେ ଉଡ଼ାଅ ତବ କୀରତି ବାନା ।

- ବସନ୍ତ କୁମାର ପ୍ରଧାନ



Multi Color Jhumka Available on Shubhapallaba Store

Buy Now!



ଶ୍ରୀଦୁର୍ଗା ଜଣାଣ

ଅଶୋକ କୁମାର ପାଠୀ

ASHWAS PRIYADARSHAN

ଆସ ମା' ଦୁର୍ଗେ ଦୁର୍ଗତି ନାଶିନୀ
ଧରା ପୃଷ୍ଠେ ଅବତରି,
ହର ବଲ୍ଲଭେ ମୃଗେନ୍ଦ୍ର ବାହିନୀ
ମର୍ତ୍ତ୍ୟାବସ୍ଥା ଅନୁସରି ॥

ପ୍ରତିବର୍ଷ ପରି ଚଳିତ ବର୍ଷର
ନୁହଁଇ ତ ଉପଯୁକ୍ତ,
ଚାଇନା ଭୂମିରୁ ଦର୍ଦ୍ଦାନ୍ତ ଅସୁର
କରୋନା ଭୂତ ଆଗତ ॥

ଦ୍ୱିସହସ୍ର ବିଂଶ ଅତ୍ୟନ୍ତ ବିମର୍ଷ
କରୋନା ରାକ୍ଷସ ଲାଗି,
ସମଗ୍ର ସଂସାର ଅତୀବ କାଗତ
ନିଜ ପ୍ରାଣରକ୍ଷା ଲାଗି ॥

ଯେତେ ଦେବାଦେବୀ ଦରଶନ ବିଧି
ପୂଜାପାର୍ବଣମାନ,
ସମ୍ପୂର୍ଣ୍ଣେ ବ୍ୟାହାତ କିମ୍ବା ସଂକୁଚିତ
କୋଭିଡ୍-୧୯ କାରଣ ॥

ଅନଳାମ୍ବିକେ ଗୋ ଅନଳରୁ ଜାତ
ଅନଳେ ସମୁଦ୍‌ଭାସିତ,
ସିଂହପିଠି ବସ ଟେକି ଦଶଭୂଜ
ମର୍ତ୍ତ୍ୟ ମଣ୍ଡଳକୁ ଆସ ॥

ଶଙ୍ଖ, ଚକ୍ର, ଗଦା ଖଡ୍ଗ, ଖର୍ପର
ଶୂଳ ଖେଟ ଧନୁର୍ବାଣ,
ଅସ୍ତ୍ରରେ ସଜ୍ଜିତ ହୋଇ ଜଗନ୍ମାତ
କରୋନାର ନିଅ ପ୍ରାଣ ॥

ମଧୁକୈଟଭ ମହିଷ, ଧୁମ୍ରାକ୍ଷ
ଚଣ୍ଡମୁଣ୍ଡ ରକ୍ତବୀଜ,
ଶୁମ୍ଭ ନିଶୁମ୍ଭ ଯେତେ ସୈରଭି
ଗଣେ କରିଛ ନିର୍ଜୀବ ॥

କରୋନାକୁ ମାର ବିଶ୍ୱକୁ ଉଦ୍ଧାର
ଉଶ୍ୱାସ ହେଉ ମହୀ,
ନମୋ ଭଗବତୀ ଦେବୀ ଗୋ ପାର୍ବତୀ
ଜନନୀ କରୁଣାମୟୀ ॥

- ଅଶୋକ କୁମାର ପାଠୀ




ଶୁଭପଲ୍ଲବ
ଷ୍ଟୋରରେ ଉପଲବ୍ଧ

Buy Now!

ସୁପ୍ରସିଦ୍ଧ ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ



ମହାନୁଭବଙ୍କ ପାଇଁ ପଦେ



ଜଣେ ଶିଳ୍ପୀ ଗୋଟିଏ ମୂଲ୍ୟହୀନ ପଥରକୁ ସଜେଇ ଦିଏ ହୀରାଟିଏ କରି । ଚିତ୍ରଶିଳ୍ପୀଟିଏ କେଉଁ ଏକ ଅଲୋଡ଼ା କାଗଜକୁ ଦେଇପାରେ ଦୁନିଆର ସର୍ବୋଚ୍ଚ ସମ୍ମାନ । ପ୍ରତ୍ୟେକ ଚିତ୍ର ପଛରେ କିଛି ନା କିଛି କାହାଣୀ ଥାଏ ଆଉ ସେ କାହାଣୀମାନଙ୍କ ଜନକଙ୍କ ମଧ୍ୟରୁ ଜଣଙ୍କ ବିଷୟରେ ଆଜି ଜାଣିବା । ଭାରତୀୟ ରେଳ ବିଭାଗରେ କାର୍ଯ୍ୟରତ ଥିବାବେଳେ ଚିତ୍ର ଆଙ୍କିବା ନିଶାରେ ଚାକିରୀ ଛାଡ଼ିବାକୁ ପଛାଇ ନଥିଲେ ସେ ।

ଚିତ୍ର ଆଙ୍କିବା ପ୍ରତି ତାଙ୍କର ଏମିତି ଦୁର୍ବଳତା ଥିଲା ଯେ ସେ ଚାକିରୀରେ ଥିବାବେଳେ ମଧ୍ୟ ଅନେକ ସମୟରେ ରେଳ ଷ୍ଟେସନ୍‌ର ବେଞ୍ଚ ଉପରେ ବସିଲେ ନୋଟ୍‌ପ୍ୟାଡ୍ ଖୋଲି ଦିଅନ୍ତି ଏବଂ କଲମ ମୁନରେ ଗଢ଼ିଦିଅନ୍ତି କିଛି ନା କିଛି ଚିତ୍ର । ତାଙ୍କ ରଙ୍ଗତୂଳୀରେ କେତେବେଳେ ମୋଦି ହାତରେ ଛତାଟିଏ ଧରି କାଖରେ ବ୍ୟାଗ୍ ଖଣ୍ଡେ ଜାକି ରେଳ ଷ୍ଟେସନ୍‌ରୁ ଚାଲି ଚାଲି ଆସୁଥିଲେ ତ କେତେବେଳେ ରେଳଯାତ୍ରୀ ସିଧା ପୁରୀଠାରୁ ଆରମ୍ଭ କରି ସମଗ୍ର ଭାରତ ଭ୍ରମଣ କରୁଥିଲେ ।

ନିର୍ଜୀବ ବସ୍ତୁକୁ ଜୀବନ ଦେଇଛନ୍ତି ସେ ତାଙ୍କର ରଙ୍ଗ ତୂଳୀରେ, ଓଡ଼ିଶାର ସଂସ୍କୃତିକୁ ସଜେଇଛନ୍ତି ଭିନ୍ନ ଏକ ରୂପରେ, ଆଉ କୋଟି ଓଡ଼ିଆର ପ୍ରାଣର ଠାକୁର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବଖାଣିଛନ୍ତି ତାଙ୍କ କାନଭାସ୍ ଉପରେ । ପୁରୀ ବଡ଼ଦାଣ୍ଡରେ କୃଷ୍ଣଙ୍କର ଲୀଳା ହେଉ କି ବାରଣାସୀରେ ଗଙ୍ଗା ଦର୍ଶନ ହେଉ, ବଡ଼ ବଡ଼ ମହଲ ହେଉ କି ଗରିବର ଘର ଅଗଣା ହେଉ, ସବୁଥିରେ ଭରି ଦେଇଛନ୍ତି ତାଙ୍କର ଭିନ୍ନ ଚିନ୍ତାଧାରାର ରଙ୍ଗ ।

ଆର୍ଟ୍ ଯାହାଙ୍କ ହାର୍ଟ୍‌ରେ ଥାଏ, ସେ ହେଉଛନ୍ତି ଓଡ଼ିଆ ପୁଅ ବିଜୟ ବିଶ୍ୱାଳ । ପାଲଲହଡ଼ାଠାରେ ଜନ୍ମିତ ବିଜୟ ଯଦିଓ କେତେ କୌଣସି ଆର୍ଟ ସ୍କୁଲ୍‌ରେ ପଢ଼ିନଥିଲେ, ତଥାପି ନିଜର ଉଦ୍ୟମରେ ଏମିତି ଚିତ୍ର ଆଙ୍କିଥିଲେ, ଯାହାକୁ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ପ୍ରଶଂସା ନ କରି ରହିପାରିନଥିଲେ । ସେ ଖାଲି ଭାରତ ବର୍ଷରେ ନୁହେଁ ଭାରତ ବାହାରେ ମଧ୍ୟ ପ୍ରସିଦ୍ଧିଲାଭ କରିଛନ୍ତି । ବିଦେଶରେ ଅନୁଷ୍ଠିତ ଅନେକ ପ୍ରଦର୍ଶନୀ ଏବଂ କର୍ମଶାଳାରେ ଯୋଗ ଦେଇଛନ୍ତି ବିଜୟ ।

ଏହି ମହାନ କଳାକାରଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜାଣାଉଛୁ ଶୁଭୋଦୟର ଏହି ପ୍ରଥମର ସଂଖ୍ୟାରେ ତାଙ୍କ ଚିତ୍ରକୁ କଭର୍ ଫଟୋ କରିବାର ସୁଯୋଗ ଦେଇଥିବାରୁ ।

- ସଂଗ୍ରାମ କେଶରୀ ସେନାପତି





ଜୟ ମା' ଦୁର୍ଗା

ରଶ୍ମୀ ବାଳା ଶତପଥୀ

ମହିଷା ମର୍ଦ୍ଦିନୀ ଦୁଷ୍ଟ ନିବାରିଣୀ
ଅବତରି ଆସ ମା,
ସିଂହ ବାହିନୀ ଦୁର୍ଗତି ନଶିନୀ
ସକଳ ଜନଙ୍କ ମା' ।

ସଙ୍କଟ ହାରିଣୀ ତୁହି ମା' ଜନନୀ
ଦୁଷ୍ଟକୁ କଲ ନିପାତ
ତ୍ରାହି ତ୍ରାହି ଧରା ଡାକିଲା ଯେବେ
ଉଦ୍ଧାର କଲ ଜଗତ ।

ହସେ ଏ ପୃଥିବୀ ତୁମ୍ଭ ଆଗମନେ
କାଶତଣ୍ଡୀ ଗାଏ ଗୀତ
ଆଶ୍ୱିନ ମାସରେ ଘରେ ଓ ମଣ୍ଡପେ
ପୂଜା କରେ ଏ ଜଗତ ।

ଆବାହନ କରେ ଭକତ ମା'ଙ୍କୁ
ଦଶଭୂଜା ହୁଅ ଉଭା,
ଶକ୍ତି ସ୍ୱରୂପିଣି ସୁଖ ପ୍ରଦାୟିନୀ
ତୁମେ ମା' ପୂର୍ଣ୍ଣ ଗର୍ଭା ।

ତୁମ ଆଗମନେ ନାଚେ ଏ ଧରା
ନାଚେ ଭକ୍ତଙ୍କ ମନ
ଅବତରି ଆସି ଏ ଧରା ଧାମରେ
ନାଶ ହେ ମା' ଦୁଷ୍ଟ ଜନ ।

ଅଧର୍ମକୁ ନାଶି ତୁମେ ମା' ଶକ୍ତି
ଧର୍ମ କର ସଂସ୍ଥାପନ
ଜୟ ଜଗଦମ୍ବେ ବିନାଶି ପାପକୁ
ପୂଣ୍ୟର କର ସ୍ଥାପନ ।

- ରଶ୍ମୀ ବାଳା ଶତପଥୀ



ମାଆ ମାଆ

କୁନା କୁମାର ଦାଶ

ପ୍ରଥମ ପରଖେ ଯା'ର
ପୁଲ୍ଲକିତ ହିଆ,
ବକ୍ଷକୁ ଜାବୁଡ଼ି ଧରି
ଦେଖିଲି ଦୁନିଆ ।

ବକ୍ଷାମୃତ ପିଇ ଡାକ
ଦେଲି କୁଆଁ କୁଆଁ,
କାହାକୁ ଜାଣିନଥିଲି
ଥିଲି ନୂଆଁ ନୂଆଁ ।

ଚିହ୍ନାଇଲ ହେ ମା' ଦୁର୍ଗା
ଇଏ ତୋ'ର ମାଆ...
ଇଏ ତୋ'ର ମାଆ,
ଯା'ର ଛାଇ ତଳେ ରହି
ଦେଖିବୁ ଦୁନିଆ ।

ପ୍ରତିବର୍ଷ ମାଆ ମୋର
ଦୁର୍ଗାପୂଜା କରେ,
ଘରେ ପୂଜା କରେ ପୁଣି,
କରେ ମଣ୍ଡପରେ ।

ବୁଲାଇ ବୁଲାଇ ଆଣେ
ଯେତେ ଥିଲେ ରୁଣ୍ଡ,
ସବୁଠାରେ ପିଟୁଥାଏ
ଧରି ମୋର ମୁଣ୍ଡ ।

ବର୍ଷ ସାରା ପୂଜୁଥାଏ
ସେହି ଏକା ଦେବୀ,
କହୁଥାଏ କାଳୀ, ଷଠୀ
ଅବା ବନଦେବୀ ।

ହସି ହସି ପଚାରିଲି
ଏହା କି ବିଚିତ୍ର,
ସବୁତକ ଏକା-କହୁ
ଅଲଗା ଚରିତ୍ର ।

ମାଆ ମୋର ରାଗେ କହେ
କର ପାଟି ଚୁପ,
ଏହି ସବୁ ମାଆଙ୍କର
ଭିନ୍ନ ଭିନ୍ନ ରୂପ ।

ମୁଁ ମାଆ ମୋର ଦେହ
ପାର୍ଥିବ ଶରୀର,
କରିଦେବି ଦିନେ ଏକା
ହୋଇଯିବି ଦୂର ।

ଦୂର୍ଗା ମାଆ ତୋର ସାହା
ଥିବେ କାଳ କାଳ,
ଯେତେ ଦିନ ରହିଥିବେ
ସୂର୍ଯ୍ୟ ଓ ଚନ୍ଦର ।

ମୁହିଁ ମାଆ ତତେ ଜନ୍ମ
ଦେଇ ଅଛି ସତ,
ବିଶ୍ୱର ସବୁ ବସ୍ତୁକୁ
ଜନ୍ମିଛନ୍ତି ମାତ ।

ମାତୃ କୃପା ବଳେ ସୃଷ୍ଟି
ଏ ବିଶ୍ୱ ବ୍ରହ୍ମାଣ୍ଡ,
ମାତା ଯଦି କୋପ କଲେ
ହେବ ଖଣ୍ଡ ଖଣ୍ଡ ।

ଦିନେ ତୁମେ ଚିହ୍ନାଇଲ
ଇଏ ତୋର ମାଆ,
ସିଏ ଚିହ୍ନାଇଲା ତୁମେ
ସଭିଙ୍କର ମାଆ ।


ମାଆ - ମାଆ ଭିନ୍ନତାକୁ
ବୁଝିଲା ବେଳକୁ,
ମାଆ ମୋର ଚାଲିଗଲା
ଦୂରକୁ ଦୂରକୁ ।

ମାଆ କଥା ଆଜି ମୋର
ହୋଇଗଲା ସତ,
ମୋର ସାହା ଆଜିଠାରୁ
ତୁ ଜଗତ ମାତ ।

ମାଆ ମୋର କହୁଥିଲା
ତୁ କୁଆଡ଼େ ପରା,
ମାରିଥିଲୁ ରାକ୍ଷସଙ୍କୁ
ରଖିଥିଲୁ ଧରା ।

ଆଜି ମୋ ଦେଶକୁ ଗ୍ରାସେ
କରୋନା ରାକ୍ଷସ,
ସହସ୍ର ଭୁଜାକୁ ମେଲି
କରେ ତା' ବିନାଶ ।

- କୁନା କୁମାର ଦାଶ






ଶୂନ୍‌ଶାନ୍ ସନ୍ଧ୍ୟା । ମିନୁ ତରତର ହୋଇ ବଜାରରୁ ଫେରୁଥାଏ । କାଲି ପରୀକ୍ଷା ଅଛି ଯେ, ସେ ଆଡ୍‌ମିଟ୍ କାର୍ଡ଼ ବାହାର କରି ଆସୁ ଆସୁ ସନ୍ଧ୍ୟା ହେଇଗଲା । ୭ଟା ପାଖା ପାଖି ସମୟ, ଦୁର୍ଗା ପୂଜା ସମୟ । ରାସ୍ତାରେ ଚାଲିଥାଏ ଛାତିକୁ ପଥର କରି । କୌଣସି ଅଟୋ ରହୁନଥାଏ । ସେମିତି ଚାଲିଥାଏ ତା' ପାଦ । ହଠାତ୍ ପଛରୁ ୩-୪ ଜଣ ଲୋକଙ୍କ ପାଦ ଶବ୍ଦ ଶୁଭିଲା, ଛାତିର ସ୍ପନ୍ଦନ ତା'ର ବଢ଼ିଲା । ବର୍ତ୍ତମାନ ସମୟର କରାଳ ଦୃଶ୍ୟ ତ ଭଲରେ ଜଣା, ଦେହଭକ୍ଷୀ ପିଶାଚର ଅଭାବ ନାହିଁ ସମାଜରେ । ତା' ସନ୍ଦେହ ସତ ହେଲା । ସେ ଆଜି ସେମାନଙ୍କ ହାବୁଡ଼ରେ ପଡ଼ିଛି । ସେ ଯେତେ ପାଦ ଆଗକୁ ଜୋର୍‌ରେ ବଢ଼ାଉଥାଏ, ସେମାନଙ୍କ ଗତି ସେତେ ବଢୁଥାଏ । ସେ ଭାବିଲା କେମିତି ରକ୍ଷା ପାଇବ? ନହେଲେ ସେ ଆଜି ତାଙ୍କ ଶୀକାର ହେବ । ମନରେ ସାହସ ବାନ୍ଧିଲା, ଭାବିଲା ଯଦି ମରିବାର ଥିବ ମରିବି କିନ୍ତୁ ଏମାନଙ୍କୁ ଉଚିତ୍ ଶିକ୍ଷା ଦେଇ ମରିବି । ଆଜି ଯଦି ସାହସ ନ ଦେଖେଇବି ଅନେକ ନାରୀଙ୍କ ଦୁର୍ବଳତାର ଉଦାହରଣ ପାଲଟିବି ଆଜି ।

ଏମିତି ଭାବୁ ଭାବୁ ସେତେବେଳକୁ ୪ଟି ଲୋକ ତା' ସାମ୍ନାକୁ ଆସିଗଲେ । ମିନୁ ତା ଆଡ୍‌ମିଟ୍ କାର୍ଡ଼, ମୋବାଇଲ ଆଉ ପର୍ସକୁ ଲୁଚାଇଦେଇଥିଲା । ସେମାନେ ଯେମିତି ସାମ୍ନାକୁ ଆସିଲେ ତା' ସହ ଖରାପ ଆଚରଣ କରିବା ଆରମ୍ଭ କଲେ, ସେ ଠୋ ଠା ହସିବାକୁ ଲାଗିଲା । ସେହି ଦୁର୍ବୃତ୍ତମାନେ ଆଶ୍ଚର୍ଯ୍ୟ ହେଲେ, ଏ ହସୁଛି କାହିଁକି ! କହିଲେ ହେ ତୁ ହସୁଛୁ କାହିଁକି? ମିନୁ

କିଛି ନ ଶୁଣିଲା ଭଳି ଅଭିନୟ କରି ସେମିତି ହସି ଚାଲିଲା ଏବଂ ରାସ୍ତା କଡ଼ରେ ଥିବା ବଣ ଆଡ଼କୁ ହାତ ଠାରୁଥାଏ ଆଉ ହସୁଥାଏ । ଦୁର୍ବୃତ୍ତମାନେ ରୁକ୍ଷ ହୋଇ କହିଲେ ତୁ କିଏ? ମୁଣ୍ଡକୁ କୁଣ୍ଢେଇ କୁଣ୍ଢେଇ ଦାନ୍ତ ଦେଖାଇ କହିଲା ମୁଁ ଜାଣିନି ମୁଁ କିଏ ! ମୁଁ କିଏ? ସେଇ ବଣରେ ମୋ ଘର, ଚାଲ ମୋ ଘର ଦେଖିବ । ଯିବ ମୋ ସହ ଯିବ? ଚାଲ ଚାଲ ମୋ ଘରକୁ ଯିବା ଚାଲ । ଦୁର୍ବୃତ୍ତ ମାନେ ଟିକେ ଟିକେ ଭାବିଲେ ଇଏ ନିଶ୍ଚେ ପାଗଳ, କିନ୍ତୁ ଦେହଭକ୍ଷୀ ପିଶାଚର ଲୋଭ କି ଛାଡ଼େ । ମିନୁ ପାଗଳ ପରି ବଣ ଭିତରକୁ ମାଡ଼ି ଯାଉଥାଏ ନିଜ ଆତ୍ମବଳକୁ ଅଳଙ୍କାର ସାଜି । ତାକୁ ସେ ସ୍ଥାନର ପରିଚୟ ବହୁତ ଭଲରେ ଥିଲା, ଗୋଟେ ଛୋଟ ଗୁମ୍ଫା ପଛରେ ଥିବା ଝାଟି ମାଟି ଭଙ୍ଗା କୁଡ଼ିଆ ଦେଖେଇଲା; ଅନ୍ଧାର ସ୍ଥାନ, ଜହ୍ନ ଆଲୁଅ ଏବଂ ଟର୍ଚ୍ଚ ସାହାଯ୍ୟରେ ସେ କୁଡ଼ିଆ ଦେଖି ଦୁର୍ବୃତ୍ତମାନେ ନିଶ୍ଚିତ ହେଲେ ଇଏ ଗୋଟେ ପାଗଳି । ହେଲେ ଭଲ ପୋଷାକ କୋଉଠୁ ଆଣିଲା, ବୋଧେ ଚୋରି କରିଛି କେଉଁଠୁ ।



ଆମାଜନ୍ କିଣ୍ଡଲ୍‌ରେ
ପ୍ରଥମ ଓଡ଼ିଆ ବହି
(ରଚନା: ସଂଗ୍ରାମ କେଶରୀ ସେନାପତି)

Buy Now!

ଏମିତି ସେମାନେ ଭାବିବା ସମୟରେ ମିନୁ ପଥରର ଯୋଗାଡ଼ କରି ସାରିଥିଲା । ସିଧା ଆକ୍ରମଣ କଲା ସବୁ ସାହସ ଜୁଟେଇ । ପଥର ଗୋଟା ଗୋଟା ଫିଙ୍ଗିଲା ଜମା ନ ଅଟକି । କାହା ମୁଣ୍ଡ ଫାଟିଲା ତ କାହା ଗୋଡ଼ ଭାଙ୍ଗିଲା । ପାଗଳି ପାଗଳି କହି ପ୍ରାଣ ବିକଳରେ ଦୌଡ଼ିଲେ ଦୁର୍ବୃତ୍ତ । ସେ ତା' ପଥର ଫିଙ୍ଗା କିନ୍ତୁ ବନ୍ଦ କଲା ନାହିଁ । ଗୋଟେ ଦୁର୍ବୃତ୍ତ ବହୁ ଆହତ ହେଇ ତଳେ

ପଡ଼ିଗଲା । ବାକି ରାଗ ସୁଝେଇବାକୁ ଯାଇ ପାଖରେ ଯୋଉ ବାଡ଼ି ପାଇଲା ପିଟି ଦେଇଗଲା ଗୋଡ଼ରୁମୁଣ୍ଡ । ସତେ ଯେମିତି ସମଗ୍ର ନାରୀ ଜାତିର ଅପମାନର ପ୍ରତିଶୋଧ ଆଜି ସେ ନେବ ! ସେ ଦୁଷ୍ଟ ଅଚେତ୍ ହେଇଥିବାରୁ ପାଖରେ ଥିବା ଛୋଟ ଗୁମ୍ଫା ପାଖକୁ ଟାଣି ଟାଣି ନେଇ ପକେଇ ଦେଲା । ସେ ନିଜେ ଜାଣି ନଥିଲା ତା' ପାଖରେ ଏତେ ସାହସ ଆସିଲା କୁଆଡୁ ।

ଗୁମ୍ଫା ପାଖରେ ଏକ ଦୀପ ଜଳୁଥିଲା, ଯେଉଁଠୁ ଝୁଣାର ବାସ୍ନା ଆସୁଥଲା । ପଛକୁ ବୁଲି ଦେଖେ ତ ମା' ଦୁର୍ଗାଙ୍କ ପ୍ରତିମା ପୂଜା ପାଉଛନ୍ତି ଗୁମ୍ଫାରେ । ଗୁମ୍ଫା ସାମ୍ନାରେ ମୁକୁଳା କେଶ, ହାତରେ ବାଡ଼ି, ପଥର ଆଉ ତା ପାଦ ତଳେ ଦେହଭକ୍ଷୀ ପିଶାଚ ଦରମରା ଅବସ୍ଥାରେ, ସତେ ଯେପରି ଦୁର୍ଗା ସାଜିଛି ମିନୁ । ଆଜି ପୁଣିଥରେ ଯେମିତି ଏକ ମହିଷାସୁରର ବଧ ପାଇଁ ମା' ଦୁର୍ଗା ଧରାରେ ଅବତରଣ କରିଛନ୍ତି । ସେହିଦିନ ପୁଣି ନବରାତ୍ରି । ସେହି ସମୟରେ ଜଣେ ପୂଜାରୀ ଯିଏ ଗୁମ୍ଫାରେ ସ୍ଥିତ ବନଦୁର୍ଗାଙ୍କୁ ପୂଜା କରନ୍ତି, କୌଣସି କାରଣରୁ ଆସି ମିନୁର ଏ ଦେବୀ ରୂପ ଦେଖି ଏବଂ ସେଠିକାର ଅବସ୍ଥା ଦେଖି ସବୁ ବୁଝିଗଲେ ।

ନାରୀରୂପୀ ଦୁର୍ଗାଙ୍କ ଅବତାର ମିନୁଠାରେ ଦେଖି, କହିଲେ ହେ ମା' ତୁମେ ଧନ୍ୟ ! ଏହିପରି ଧରାରେ ଅବତରଣ କର ମା' ଏ ଦେହଭକ୍ଷୀ ପିଶାଚର ବଧ ପାଇଁ । ମିନୁର ଭୂରି ଭୂରି ପ୍ରଶଂସା କଲେ; କହିଲେ, "ତୋ ପରି ଦୁର୍ଗା ସବୁ ଘରେ ଜନ୍ମ ନେଉ ।" ମିନୁର ମାନସିକ ଅବସ୍ଥା ଦେଖି ତାକୁ ଘରେ ନେଇ ଛାଡ଼ିଲେ । ମିନୁ ତା'ର ସାହସ ପାଇଁ ସାହସିକତା ପୁରସ୍କାରରେ ସମ୍ମାନିତ ହେଲା ଏବଂ ନିର୍ଭୟର ସହ ଲଢ଼ିବାକୁ ଅନେକ ନାରୀଙ୍କ ପ୍ରେରଣା ସାଜିଲା । ଏ ଦେହଭକ୍ଷୀ ପିଶାଚ ପାଇଁ ସେ ସାଜିଥିଲା "ଦୁର୍ଗା" ।

- ସୁଶ୍ରୀ ସଙ୍ଗୀତା ସେଠୀ



ନବରାତ୍ରୀ

ପ୍ରିୟବ୍ରତ କର

ନିଜ ଭଉଣୀର ଭାଇଟିଏ ହୋଇ
ସାଜ ତା' ରକ୍ଷା କବଚ,
ପର ଝିଅ ପାଇଁ କାହିଁକି କେଜାଣି
ସାଜୁଛ ଯୌନ ପିଶାଚ?

ନିରୀହ ଜୀବନ ସହ ଖେଳି କୁହ
କି ଅବା ପାଉଛ ଖୁସି,
ବିନା କାରଣରେ ଝିଅ ଆଖିବୁଜେ
ବେକେ ଲାଗେଇକି ରସି ।

କ୍ୟାଣ୍ଡେଲ ଜଳାଇ ଷ୍ଟାଟସ ଦବାଟା
ଆମ ଜନତାଙ୍କ କାମ,
ଦୁଇ ତିନି ମାସ ଗଡ଼ିଗଲା ପରେ
ଭୁଲିଯାଉ ତା'ର ନାମ ।

ସଭିଙ୍କ ମନରେ ପ୍ରତିବାଦ ସ୍ୱର
ଭର ମା'ଗୋ ଜଗଦ୍ଧାତ୍ରୀ,
ପାପ ନାଶ କରି ପୂର୍ଣ୍ଣ କର ମାତା
ଏ ବର୍ଷର ନବରାତ୍ରୀ ।

- ପ୍ରିୟବ୍ରତ କର



ନାରୀ ସଶକ୍ତିକରଣ

ଶର୍ମିଷ୍ଠା ମଲ୍ଲ

ଏକବିଂଶ ଶତାବ୍ଦୀରେ କରୁଛି ବିଳାପ
ହିସାବ କରୁଛି ସେ ପୁଣ୍ୟ ଓ ପାପ
ବୋହୁଛି ଲୁହ ତା'ର ଅଜସ୍ର, ଅମାପ ।

ମନ ହୋଇଛି କ୍ଷତାକ୍ତ
ଦେହରୁ ବହୁଛି ରକ୍ତ
ସତେ କ'ଣ ନାରୀ ସଶକ୍ତ ।

ଆଜି ବି ସେ ଖୋଜେ ପୁରୁଷର ସାହାରା
ଏକା ଏକା ସତେ ଅବା ସେ ବେସାହାରା
ପାଏନି ସେ କୂଳ କି କିନାରା ।

ଚନ୍ଦ୍ର ପୃଷ୍ଠରେ ପାଦ ଥାପିଛି
ଲଢୁଆ ବିମାନେ ଦକ୍ଷତା ପ୍ରତିପାଦିତ କରିଛି
ବୃନ୍ତର ଦୁଇ ପାଖୁଡ଼ା ସମ ପ୍ରସ୍ଫୁଟିତ ହେବାକୁ
ଚେଷ୍ଟା କରିଛି ।

ଯୌତୁକ ଜୁଇରେ ଜଳିଛି
ହତ୍ୟା, ଧର୍ଷଣର ଶୀକାର ହୋଇଛି
ସତେ କ'ଣ ନାରୀ ସଶକ୍ତ ହୋଇଛି !!!!

- ଶର୍ମିଷ୍ଠା ମଲ୍ଲ





ଦେବୀ

ପ୍ରେମଶିଲା ରାଉତ

ଧନ୍ ଲୋଡ଼ା ହେଲେ ପୁଜନ୍ତି ସଭିଏଁ
ମହାଲକ୍ଷ୍ମୀ ନାମ ସୁମରି
କର୍ମ ଅନୁସାରେ ଦିଅନ୍ତି ଯେ ଫଳ
ସଭିଙ୍କୁ ଆପଣା କରି ।

ଦୁଃଖ୍ ରଙ୍କି ତଥା ସମସ୍ତଙ୍କୁ ସିଏ
କରନ୍ତି ଆଦର ଅତି
ଧନ ଦେଇ ସତେ ଲକ୍ଷ୍ମୀ ଠାକୁରାଣୀ
ଉଦ୍ଧାରନ୍ତି ନର ଜାତି ।

ବିଦ୍ୟାର ଦେବୀ ଯେ ଅଟନ୍ତି ମାତା
ସରସ୍ୱତୀ ମହାମାୟୀ
ସମସ୍ତଙ୍କ କଣ୍ଠେ ସଦା ବିରାଜିତ
ସବୁରି ହୃଦୟେ ରହି ।

ଆଲୋକର ପଥ ଦେଖାନ୍ତି ଯେ ମାତା
ଜ୍ଞାନର ଭଣ୍ଡାର ଭରି
ସତ୍ ମାର୍ଗେ ସତେ ନିଅନ୍ତି କୋଳେଇ
ସଭିଙ୍କର ହାତ ଧରି ।

ଶକ୍ତି ପ୍ରଦାୟିନୀ ଦୁର୍ଗତିନାଶିନୀ
ଅଟନ୍ତି ତ ଦୁର୍ଗା ମାତା
ତାଙ୍କରି ଦୟାରୁ ପାଉ ଆମେ ଶକ୍ତି
ସିଏ ତ ଜଗତେ କର୍ତ୍ତା ।

ଦେହରେ ଆମର ବିଞ୍ଚି ଦେଇଛନ୍ତି
କରିବାର ସବୁ ଶକ୍ତି
ସହିବାକୁ ଦୁଃଖ କଷ୍ଟ ଓ ଯନ୍ତ୍ରଣା
ଦିଅନ୍ତି ଯେ ପୁଣି ମୁକ୍ତି ।

ବିଶ୍ୱର ମଙ୍ଗଳ କାମନା କରନ୍ତି
ମାଆ ତ ସର୍ବମଙ୍ଗଳା
ବିପଦେ ଆପଦେ ସାହା ହୋଇ ସଦା
ଢାଳନ୍ତି ଶାନ୍ତି ଶୃଙ୍ଖଳା ।

ମନ୍ଦାର ମାଳିନୀ ଘଟଗାଁ ବାସିନୀ
ମାଁ ଦେବୀ ତାରାତାରିଣୀ
ଚିରଦିନ ତାଙ୍କ ନାମ ଜପୁଥିଲେ
ଦୁଃଖ ଜମା ରହେ ନାହିଁ ।

- ପ୍ରେମଶିଲା ରାଉତ



ସୁଲଭ ସମ୍ବଲପୁରୀ ମାସ୍କ

Buy Now!





ରାଣୀହାର

ପଲ୍ଲବୀ ପୂଜାପଣ୍ଡା

ତା' ସୃଷ୍ଟିକୁ ନେଇ ସେ ସନ୍ତୁଷ୍ଟ
କରିନାହିଁ କେବେହେଲେ
ଆପତ୍ତି ଅଭିଯୋଗ
କହିନାହିଁ କେବେହେଲେ
ବେସନ, ହଳଦୀ, ଚନ୍ଦନ
ମାଖି ଯା' ଯାବତୀୟ ପ୍ରସାଧନ !

ସାଇକେଲ ଦେବା କାଳରୁ କୋଳକୁ
ଭିଡ଼ିଆଣି ବହେ ଗେହ୍ଲା କରି କହିଥିଲା,
"ଗଢ଼େଇଦେବି ରାଣୀହାର"
ତଳେ ପଡ଼ିଗଲେ ଗୋଟେଇନେଇ
ଧୂଳି ମାଟି ଝାଡ଼ିଦେଇ କରୁଥିଲା
ପାଦ ଖସିଲା ଆକଟ,

ଝିଅ ଘିଅ !
ନିନ୍ଦା ଅପବାଦର ଭୟ ଯଦିଓ ତାକୁ ବି ଥିଲା
ତଥାପି ଶିଖାଇଲା ଚାଲି
ନିଜ ଗୋଡ଼ରେ ନିଜେ ଛିଡ଼ା ହେବାଲାଗି,
ନିଜ ଇଚ୍ଛାରେ ପିନ୍ଧିବୁ କେତେ ଶାଢ଼ୀ, ଚୁଡ଼ି, ଘଡ଼ି
ଘୋଡା ଚଢ଼, ନିଜ ପାଇଁ ନିଜେ ଲଢ଼,
ଦେଇନି କେବଳ ଅହ୍ୟସୁଲକ୍ଷଣୀ ବର
ଦେଲା ବି ପାଞ୍ଚ ଜଣରେ ଜଣେ ହେବାର କଲ୍ୟାଣ,
ଠେଲିପେଲି ଦେଇନି ନାରୀ କି ହେଲାନି ପାରି
ସମୟ ଆଗରୁ ଝାଡ଼ି ହେଇନି ସଂସାର ଜଞ୍ଜାଳ
କି ନଥିଲା ତା'ର ପୁଣ୍ୟ କମେଇ
ମୋକ୍ଷ ଲଭିବାର ଲକ୍ଷ୍ୟ !

ବୋଉ, ସଯତନେ ପନ୍ଦରରୁ ପଚିଶ
ପେଜୁଆ ଆଖିରେ ହସ ଲୁହ ପଜେଇ
ଲିପିପୋଛି ସାଆତିଲା ଝିଅ,
ଭାଙ୍ଗିଦେଲା ଶଙ୍ଖବଟି ମାଳ

ଗଢ଼େଇଲା ରାଣୀହାର,
ମୁଁ ଶିଖୁଥିଲି,
ଫୁଲ ପରି ଝିଅ ବଢ଼େଇବାର କଳା କୌଶଳ...

- ପଲ୍ଲବୀ ପୂଜାପଣ୍ଡା



Multi Color Jhumka Available on Shubhapallaba Store

Buy Now!






ବାକି ଥିଲା ମହିଷା ବଦ୍ଧ

ମୋନାଲିସା ଜେନା

ନନ୍ଦିନୀ ଭାରି ଖୁସି, ତା' ଖୁସିର କ'ଣ ଆଉ ସୀମା ଅଛି ! ପାଦ ତ ଆଉ ତା'ର ମାଟିରେ ଲାଗୁନି, କାରଣ ସେ ଜିଦ୍ କରି ବସିବାରୁ ମମି, ପାପା ଏଥର ଦଶହରା ଦଶଦିନ ଛୁଟିରେ ସବୁ କାମ ପଛରେ ପକାଇ ଗାଆଁକୁ ଯିବା ପାଇଁ ରାଜି ହୋଇଗଲେ । ରାଜି ବା ହେବେନି କେମିତି ତାଙ୍କର ଏଇ ନନ୍ଦିନୀଟା ଏକୋଇରବଳା ବିସିକେଶନ । ଦୁନିଆଯାକର ଗେଲବସର, ଭାରି ଜିଦ୍‌ଖୋର । ଏଇ ନନ୍ଦିନୀଟା ବି ତେଣେ ଅଜା ଆଈଙ୍କର ଅନ୍ଧର ଲଉଡ଼ି । ନନ୍ଦିନୀ ବି ପନ୍ଦର ଥର ଫୋନ୍ କରି ଆଈକୁ କହିସାରିଲାଣି ମୁଁ ଗାଁ'କୁ ଆସୁଛି ମୋ ପାଇଁ ପିଠା ତିଆରି କରିଥିବୁ ପଣା କରିଥିବୁ ଏମିତି କେତେ କ'ଣ । ଶେଷରେ ସେମାନେ ଗାଡ଼ିରେ ବସିଲେ ଆଉ ବାହାରିଲେ ଗାଁ ଅଭିମୁଖେ ।

ଏପଟେ ନନ୍ଦିନୀ ବାଟସାରା ସେ ଗାଁକୁ ଯିବ, ଜେଜେଙ୍କ ସହ ଗାଁ'ଟାସାରା ବୁଲିବ, ଆଈଠୁ ନିତି ଗପ ଶୁଣିବ ଆଉ ଗାଁ ପିଲାଙ୍କ ସହ ଖେଳିବ, ଏମିତି କେତେ କ'ଣ ଭାବି ଅସମ୍ଭାଳ ହୋଇପଡ଼ିଲାଣି । ଶେଷରେ ପହଞ୍ଚିଗଲେ ଗାଁ଼ଁରେ; ନନ୍ଦିନୀ କ'ଣ ଆଉ ଅପେକ୍ଷା କରେ, ସିଧା ଯାଇ ଜେଜେଙ୍କ ପାଖରେ, କେତେ ସେ ଆଣିକି ଆସିଛି ମମି, ପାପାଙ୍କ ନାମରେ ଅଭିଯୋଗ ସବୁ ବଖାଣିବ ଜେଜେଙ୍କ ଆଗରେ ଆଉ ଗାଳି ଶୁଣାଇବ ତାଙ୍କୁ । ଏମିତି କେତେ ଖୁସି ମଜା କଲା କେତେ ଖେଳିଲା ସେ ଏଇ ଛୁଟି ଦିନରେ ।

ଶେଷରେ ସେହି ଅପେକ୍ଷାର ଦିନ, ଦଶହରା । ଏହି ଦିନରେ ବି ତ ନନ୍ଦିନୀର ଜନ୍ମଦିନ । ଦଶହରା ଦିନ ତା'ର ଜନ୍ମ ବୋଲି ଜେଜେ ଅତି ଶ୍ରଦ୍ଧାରେ ମାଆ ଦୁର୍ଗା ବା ମାଆ ପାର୍ବତୀଙ୍କର ଅନ୍ୟତମ ନାମ ରଖିଥିଲେ ଗିରିଜା ନନ୍ଦିନୀ । ସବୁବେଳେ ଜେଜେ କୁହନ୍ତି ନନ୍ଦିନୀକୁ ମା' ଦୁର୍ଗାଙ୍କ କାହାଣୀ । ତା'ର ମଧ୍ୟ ମା' ଦୁର୍ଗା ହିଁ ଆରାଧ୍ୟ ଦେବୀ । ସେଦିନ ତା'ର ଜନ୍ମଦିନ ଆଉ ପୂଜା ଅବସରରେ ମା' ଆଉ ଜେଜେମା ମିଶି ପିଠା, ମିଠା କେତେ କ'ଣ ତିଆରି କଲେ ଆଉ ନନ୍ଦିନୀ ବି ବହୁତ ଖୁସିରେ ଖାଇ ପିଇ ମମି, ପାପା, ଜେଜେ, ଜେଜେମା ଆଉ ପଡ଼ୋଶୀ ପାଖ ଜଣେ ଦାଦାଙ୍କ ସହ ପୂଜା ବୁଲି ଗଲା ।



ସମ୍ବଲପୁରୀ ମାସ୍କ

୫ଟି ସାଙ୍ଗରେ ଗୋଟିଅ ମାଗଣା

ଶୁଭପଲ୍ଲବ

ଷ୍ଟୋରରେ ଉପଲବ୍ଧ

Buy Now!

ତାଙ୍କ ଘରପାଖର ସେ ପଡ଼ୋଶୀ ଦାଦା, ନାମ ତାଙ୍କର ବିକ୍ରମ । ନନ୍ଦିନୀ ତାଙ୍କୁ ଅତି ଶ୍ରଦ୍ଧାରେ ବିକୁ ଦାଦା ବୋଲି ଡାକେ, ସେ ବି ନନ୍ଦିନୀକୁ ବହୁତ ଭଲ ପାଆନ୍ତି । ସବୁଥର ସେ ଗାଁକୁ ଆସିଲେ ତାକୁ ଚକ୍‌ଲେଟ୍, ମିଠେଇ ଏମିତି କେତେ କ'ଣ ଦିଅନ୍ତି ଆଉ ଗାଁଟା ସାରା ବୁଲାନ୍ତି ।

ସେଦିନ ପୂଜା ଦେଖିଗଲାବେଳେ ନନ୍ଦିନୀ ବିକୁ ଦାଦାଙ୍କ କାନ୍ଧରେ ବସି ପୁରା ପୂଜା ମଣ୍ଡପଟା ବୁଲିଲା । କିନ୍ତୁ ନନ୍ଦିନୀ ଦେଖିଲା ଏ କ'ଣ ଦାଦା ତ ତାକୁ ଘର ଆଡ଼େ ନେଉ ନାହାନ୍ତି, ନେଉଛନ୍ତି ପୂଜା ମଣ୍ଡପର ପଛପାଖ ସେ ଅନ୍ଧାରିଆ ଜାଗାକୁ କିଛି ନ ବୁଝି ସେ ପଚାରିଲା, "ଦାଦା ସମସ୍ତେ ତ ଘରକୁ ଗଲେଣି ଆମେ କୁଆଡ଼େ ଯାଉଛେ?" ସେ ତାକୁ ଭୁଲେଇ କହିଲେ, "ଆମେ ଏପଟେ ବେଲୁନ୍ ପାଇଁ ଯାଉଛେ ଏପଟେ ଭଲ ବେଲୁନ୍ ମିଳେ ତୁମକୁ ଦରକାର ନା?" ନନ୍ଦିନୀ ଖୁସିରେ ହୁଁ ଭରିଲା ।

ସେହି ଅନ୍ଧାର ଭିତରେ ଦାଦା ନନ୍ଦିନୀକୁ ବେଲୁନ୍ ଆଉ ଚକ୍‌ଲେଟ୍ ଦେଲେ ଆଉ କେତେ ଗେହ୍ଲା କରିବାକୁ ଲାଗିଲେ । କିନ୍ତୁ ଏ କ'ଣ ଆଜି ନନ୍ଦିନୀକୁ ଦାଦାଙ୍କ ଗେହ୍ଲାଟା ଭଲ ଲାଗୁନି କ'ଣ ପାଇଁ? ସେ କିଛି ବୁଝିବା ପୂର୍ବରୁ ସେ ନର ରାକ୍ଷସଟା ତା'ର ସର୍ବନାଶକରି ତା'ର ତଣ୍ଟିଚିପି ଫେରାର୍ ହେଇଗଲା । ସେପଟେ ତା'ର ମମି ପାପା ବହୁତ ଖୋଜାଖୋଜି କରି କାହାର ଟେର୍ ନପାଇ ବହୁତ କନ୍ଦାକଟା କରି ଅପେକ୍ଷା କଲେ ସଖାଳକୁ । ସଖାଳୁ ପାପା ଆଉ ଜେଜେ ଯାଇ ପୋଲିସ୍ ଷ୍ଟେସନ୍‌ରେ ରିପୋର୍ଟ୍ କଲେ । ପୋଲିସ୍ ବହୁତ ଖୋଜାଖୋଜି ପରେ ନନ୍ଦିନୀର ଶରୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୂଜା ମଣ୍ଡପ ପଛରୁ ପାଇଲେ । ତାଙ୍କ ପରିବାରଟା ସେଦିନ କାନ୍ଦିକାନ୍ଦି ଧୂଳିରେ ଲୋଟିଯାଉଥିଲେ ଆଉ ସେତେବେଳେ ମାଆ ଜଗତ ଜନନୀ ମହିଷା ମର୍ଦ୍ଦିନୀ ମାଆ ଦୁର୍ଗା ନେଉଥିଲେ ଏ ଧରାପୃଷ୍ଠରୁ ବିଦାୟ କିନ୍ତୁ ବାକି ରହିଯାଇଥିଲା ଏମିତି ଭଦ୍ର ମୁଖା ତଳର ଅନେକ ରାବଣପୋଡ଼ି ଆଉ ବାକି ଥିଲା ଶହ ଶହ ମହିଷାମାନଙ୍କ ବଦ୍ଧ ।

- ମୋନାଲିସା ଜେନା





ମୁଁ ତାଙ୍କ ଉପରେ ରାଗେ !

ଚନ୍ଦ୍ରକାନ୍ତି ପ୍ରଧାନ

ମୋର କଥା କଥାକେ ରାଗିଯିବା,
ଆଉ ସେ ମତେ କଳେଇନେଇ ବୁଝେଇବା...
ମତେ ଭଲଲାଗେ ।

ଏବେ ପଚାରିବନି କାହିଁକି ରାଗେ ।
ସେ ଲଗାମଛଡ଼ା ହୋଇ ଗାଡ଼ି ଚଲେଇଲେ,
ମୁଁ ତାଙ୍କ ଉପରେ ରାଗେ !

ବାରମ୍ବାର ତାଗିଦ୍ କରି କହେ,
"ହେଇ ! ଗାଡ଼ି ଧୀରେ ଚଲେଇବ ।" କିନ୍ତୁ ନା
ରାସ୍ତାଟା ତାଙ୍କ ପାଇଁ ଆକାଶ
ଆଉ ଗାଡ଼ିଟା ଗୋଟେ ଚଢ଼େଇ
କ୍ଷୀପ୍ର ଗତିରେ ଉଡ଼ିବ ହିଁ ଉଡ଼ିବ ।

ସେ କ'ଣ ବୁଝନ୍ତି କି?
ନ୍ୟୁଜରେ ଦୁର୍ଘଟଣାର ଚିତ୍ର ଦେଖି
ଜଣେ ଗୃହିଣୀର ଛାତିଥରେ !

ସେ ଘରକୁ ଡେରିରେ ଫେରିଲେ,
ମୁଁ ତାଙ୍କ ଉପରେ ରାଗେ !

"ଆସିଲେ କି ସେ?
କଲିଙ୍ଗ୍ ବେଲ୍ ବାଜିଲା କି?
ଏତେ ଡେରି ହେଲାଣି...
କୋଉଠି ରହିଗଲେ?
କିଛି ଅସୁବିଧା ହେଲା କି ଆଉ?"
ଗୁଣୁଗୁଣୁ ହେଇ ରୋଷେଇ ଘରୁ
ଦାଣ୍ଡ ପର୍ଯ୍ୟନ୍ତ ଯାଉଥାଏ ଆସୁଥାଏ ।



ସମ୍ବଲପୁରୀ ମାସ୍କ (3 at 199/-)

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

Buy Now!

ହେଲେ ସେ କ'ଣ ଜାଣନ୍ତି?
ତାଙ୍କ ଅର୍ଦ୍ଧାଙ୍ଗିନୀ ତାଙ୍କୁ ମୂହୁର୍ତ୍ତେ
ନଦେଖି ପାଗଳିନୀ ହୋଇ ଘୂରୁଥାଏ ।


ସେ ଖାଇବା ଟେବୁଲରୁ ଅଧା ଖାଇ ଉଠିଗଲେ,
ମୁଁ ତାଙ୍କ ଉପରେ ରାଗେ !


ବଡ଼ ଅଜବ ଲୋକ ଜଣେ ସେ,
ଜାଣେ ବାହାରେ ତ ପେଟପୂରା ଖାଇବେନି,
ଅଥଚ ତରତର ହୋଇ କ'ଣ ଟିକେ
ଖାଇବେ କି ନାଇଁ ଚାଲିଯିବେ ।

ସେ କ'ଣ ଭାବନ୍ତି କି??
ସେ ପେଟପୂରା ନଖାଇଲେ
ମୋର ଭୋକଶୋସ ଉଡ଼ିଯାଏ ।
ସେ ମୋ ଆଗେ କିଛି କଥା ଲୁଚାଇଲେ,
ମୁଁ ତାଙ୍କ ଉପରେ ରାଗେ !

ମତେ କହିବନି ଆଉ କାହାକୁ କହିବ?
ପଚାରିଲେ କହିବେ, କିଛିନାଇଁ...
ସେ କ'ଣ ଶୁଣନ୍ତି ଯେ
ସେ ଦୁଃଖରେ ରହିଲେ
ମୋର ସବୁ ସୁଖ ହଜିଯାଏ !

- ଚନ୍ଦ୍ରକାନ୍ତି ପ୍ରଧାନ





କନ୍ୟାଦାନ

ସୁନିତା ପଟେଲ

ପିତାମାତାଙ୍କ କରକମଳରେ
ସମ୍ପନ୍ନ ହୁଏ ଯେବେ ମହାଦାନ
ଏଇତ ସେଇ କ୍ଷଣ କନ୍ୟାଦାନ ।

ଅଶ୍ରୁ ବହେ ବନ୍ଧ ଭାଙ୍ଗି
ପିତାଙ୍କ ନୟନୁ ଯେଉଁ ଦିନ
ଏଇତ ସେଇ କ୍ଷଣ କନ୍ୟାଦାନ ।

ଗୋଟିଏ ମୂହୁର୍ତ୍ତରେ
ହଜାରେ ସ୍ମୃତି କରେ ଆଲିଙ୍ଗନ
ଏଇତ ସେଇ କ୍ଷଣ କନ୍ୟାଦାନ ।

ହେଇଯିବ ଝିଅ କରୁଥିବା ଅଳି,
ଭାଇ ସହ କଳିର ସମାପନ
ଏଇତ ସେଇ କ୍ଷଣ କନ୍ୟାଦାନ ।
ସୁତା ତାଙ୍କ ଦୁହିତା ବୋଲି
କରନ୍ତି ଦୁହେଁ ଅଭିମାନ
ଏଇତ ସେଇ କ୍ଷଣ କନ୍ୟାଦାନ ।

ତାରକା ସଜ୍ଜିତ ଗଗନୁ
ହୁଏ ବରଷା ଯେଉଁ ଦିନ
ଏଇତ ସେଇ କ୍ଷଣ କନ୍ୟାଦାନ ।

ପରିବର୍ତ୍ତନ ହେଇଯାଏ ଯେବେ
କନ୍ୟାର ବଂଶ, ଗୋତ୍ର, ନାମ
ଏଇତ ସେଇ କ୍ଷଣ କନ୍ୟାଦାନ ।

- ସୁନିତା ପଟେଲ



ଗର୍ଭରୁ ଆସୁଛି ଅଳି

ଗଣେଶ ଦାସ

ନା ଅନ୍ଧାରରେ ମରିବାକୁ ଚାହେଁନା
ମୁଁ ଦୁନିଆ କୁ ଦେଖୁବି,
ଡଷ୍ଟବିନ୍‌ରେ ପଡ଼ିବାକୁ ଚାହେଁନା
ଘରେ ଟିକିଏ ରହିବି,
କେବେ ଅନାଥ ହେବାକୁ ମୁଁ ଚାହେଁନା
ତମ ସ୍ନେହ ଟିକେ ନେବି,
ହେ ମାଆ ଟିକିଏ ସୁଯୋଗ ଦେ ମୋତେ,
ମୁଁ ଦୁନିଆକୁ ଦେଖିବି ।

କୁନିପାଦ ରେ ଧରଣୀ ରେ ନାଚିବି
ମୁଁ ମିଠା ଗୀତ ଗାଇବି,
କଠିନ ପରିଶ୍ରମ କରି ପଢ଼ିବି
ବଡ଼ ମଣିଷଟେ ହେବି,
ହେ ମାଆ ଟିକିଏ ସୁଯୋଗ ଦେ ମୋତେ
ମୁଁ ଦୁନିଆକୁ ଦେଖିବି ।

ମୋ ଭିତରେ ଅଛି ଅଦମ୍ୟ ସାହସ
ପଥର ଭାଙ୍ଗି ପାରିବି,
ପୁଅଠୁ କୌଣସି ଗୁଣରେ କମ୍ ନୁହେଁ
ପୁଅଠୁ ଆଗକୁ ଯିବି,
ହେ ମାଆ ଟିକିଏ ସୁଯୋଗ ଦେ ମୋତେ
ମୁଁ ଦୁନିଆକୁ ଦେଖିବି ।

ତମ ଦୁଃଖ କଷ୍ଟ କୁ ଆପଣା କରି
ଆଖିରୁ ଲୁହ ପୋଛିବି,
ସବୁବେଳେ ଭଲ ଭଲ କାମକରି
ତମ ନାଁ ଟେକ ରଖିବି ।
ହେ ମାଆ ଟିକିଏ ସୁଯୋଗ ଦେ ମୋତେ
ମୁଁ ଦୁନିଆକୁ ଦେଖିବି ।

- ଗଣେଶ ଦାସ



ଅବ୍ୟର୍ଥ ବିନ୍ଧାଣୀ

ରଶ୍ମିମୟୀ ପତି

ବାଣ ପରେ ବାଣ ମାରି ଚାଲିଛି ସେ ଫନ୍ଦି ଫିକର ସେ ଜାଣେ
ବିଚିତ୍ର ବିନ୍ଧାଣୀ ଅବ୍ୟର୍ଥ ତା' ଲକ୍ଷ, ତା'ର ସମ କେହି ନୁହେଁ ।

ସବୁ ଜାଣି ଶୁଣି କିଛି ନ ଜାଣିବା ଅଭିନୟ କରୁଥାଏ
କେତେ ପରୀକ୍ଷାର ଜାଲ ରେ ପକାଏ ଧୈର୍ଯ୍ୟ ପରୀକ୍ଷା ସେ କରେ ।

ପରୀକ୍ଷା ଜାଲରେ ବାନ୍ଧିଲା ବଳିକୁ ଚାପିଲା ତାକୁ ପାତାଳେ
ଗୋଟିଏ ପାଦରେ ମରତ ମାପିଲା ଆର ପାଦ ସ୍ୱର୍ଗ ପୁରେ ।

ସେଇ ପେଶିଥିଲା ସୁଦର୍ଶନ ଚକ୍ର ଉଦ୍ଧରିଲା ଗଜ ରାଜ
ପଶୁ, ପକ୍ଷୀ, ନର, ସଭିଙ୍କୁ ବାନ୍ଧେ ସେ ଦୟାର ସେନେହ ଭାବ ।

ନ ଜାଣିଲା ପରି ଗାଈ ଚରାଇଲା ଗୋପାଳ ମେଳେ ଅରଣ୍ୟେ
ଘୋର ବରଷାରେ ପର୍ବତ ଟେକିଲା ଆଶ୍ରୟ ଦେଲା ଶରଣେ ।

ସବ୍ୟସାଚୀ ରଥେ ସାରଥୀ ହୋଇଲା ମିଛ ଅଭିନୟ କଲା
ସବୁ ଯୋଦ୍ଧାଙ୍କୁ ସେ ଏକାକୀ ମାରିଲା ଚକ୍ର ବାଣ ଛାଡୁଥିଲା ।

ସବୁ ଦେଖୁଥାଏ ସବୁ ଶୁଣୁ ଥାଏ ନ ଜାଣିଲା ପରି ରହେ
ପରିସ୍ଥିତି ଯେବେ ଭୟାବହ ହୁଏ ମର୍ତ୍ତ୍ୟକୁ ଓହ୍ଲାଇ ପଡ଼େ ।

ସେ ଏକା ରଚିଲା ଗୀତା ଭାଗବତ, ତା'ରି ଲାଗି ରାମାୟଣ
ଅବ୍ୟର୍ଥ ବିଦ୍ୟାଣୀ ଅଟଇ ସେ ପରା କି ବର୍ଣ୍ଣିବ ତା'ର ଗୁଣ ।



ଓଡ଼ିଆ ଲିପିରେ ଲିଖିତ ଟି-ସାର୍ଟ

Buy Now!

ମାତ୍ର ଦି'ଅକ୍ଷର ତୁଣ୍ଡେ ଉଚରିଲା ଦସ୍ୟୁ ହୋଇଗଲା ଶ୍ରେଷ୍ଠ
ସେ ନାମ ମାହାତ୍ମ୍ୟ ବୁଝୁଅଛି ଯିଏ ହେବ ନାହିଁ ଧୈର୍ଯ୍ୟ ଚ୍ୟୁତ ।

ଭିନ୍ନ ଏକ ପାଲା ରଚୁଅଛି ଆଜି ବଡ଼ ଦେଉଳରେ ବସି
କରୋନା ଭୂତାଣୁ ପାଲା ଲଗାଉଛି ଧୈର୍ଯ୍ୟ ପରୀକ୍ଷା କରୁଛି ।

ତା' ସୃଷ୍ଟିର ଶ୍ରେଷ୍ଠ ହେ ମାନବ ଗଣ ଧୈର୍ଯ୍ୟରେ ଅପେକ୍ଷା କର
କରୁଣାର ବାଣ ନିଶ୍ଚେ ସେ ଛାଡ଼ିବ କଷଣ କରିବ ଦୂର ।

ପରିସ୍ଥିତି ଯେବେ ସୀମା ଟପି ଯାଏ ମର୍ତ୍ତ୍ୟେ ଓହ୍ଲାଇ ଆସିବ
ଅମୃତର ସ୍ପର୍ଶ ମିଳିବ ନିଶ୍ଚୟ କରୁଣା ମଧୁ ଝରିବ ।

- ରଶ୍ମିମୟୀ ପତି





ବଡ଼ମା

ସ୍ୱାଗତିକା ନାୟକ

ଫେବୃଆରୀ ମାସର ଶୀତୁଆ ସକାଳ, ବରଫ ଗଦା ଭିତରକୁ ଝରକା କାଚଆଡୁ ଚାହିଁ ରହିଥିଲା ଶୈଳଜା । ରାତିର ଗଦାଏ ବାସନକୁ ଧୋଇବାକୁ ପଡ଼ିବ । ଗ୍ଲୋଭ୍‌ସ୍ ଦୁଇଟାକୁ ପିନ୍ଧି ପକେଇଲା ସେ ଚଞ୍ଚଳ ଚଞ୍ଚଳ । ବାସନଧୋଇବା ମେସିନଟାର କ'ଣହେଇଛି କେଜାଣି, ଜମା ଛାଡୁନି ଅଁଇଠାଗୁଡ଼ାକ । ଝରକା କାଚରୁ ବାହରଟା ଲାଗୁଥିଲା ପରୀରାଇଜ ଭଳି । ଧଳା ମଖମଲିଚାଦରଟେ ଯେମିତି କିଏ ବିଛେଇ ଦେଇଛି । ଛୁଆ ସୂର୍ଯ୍ୟଙ୍କ କିରଣରେ ଲୋଭନୀୟ ଦେଖା ଯାଉଥିଲା ବାହାର ପରିବେଶ ।

ପ୍ରଥମାଷ୍ଟମୀ ପାଇଁ ଘରକୁ ଫୋନ କରିଥିଲା ସେ । ବିଦେଶରେ ରହି ପୂଜାପର୍ବ ଦିନରେ ଟିକେ ମାଆ ସହିତ କଥା ନହେଲେ ମନ ଭଲ ଲାଗେନି । ଦୁଇ ମାମୁଁ, ମାଆ ତା'ର ଗାଆଁରେ ଥିଲେ । ବଡ଼ମା ଦେହ ଅଚାନକ ଖରାପ ଶୁଣି ରାତା'ରାତି ସମସ୍ତେ ପହଞ୍ଚିଥିଲେ ଗାଁରେ । ମା'ର ସ୍ୱରଟା ଭାରି କାନ୍ଦୁରା ଶୁଭୁଥିଲା ତାକୁ । ମନ ତା'ର ଉଡ଼ିଯାଉଥିଲା ସେହି ପରିବେଶକୁ । ନୂଆଁଣିଆ ଚାଳଘର, ମାଟିକାନ୍ଥ, ସେ ଧାନ କିଆରୀ, ଖୋଲା ଅଗଣା, ନାଳବନ୍ଧର ସ୍ମୃତି ତାକୁ ବ୍ୟସ୍ତ କରିପକାଉଥିଲେ । ଆଈକୁ ସେ କାହିଁକି ବଡ଼ମା ଡାକୁଥିଲା, ସେ ନିଜେ ଜାଣିନି । ମାଆ କୁହେ ମା'ର ମାଆ, ମା'ଠୁ ବଡ଼, ତେଣୁ ବଡ଼ମା । ଅଜାଙ୍କୁ ଡାକୁଥିଲେ ସେମାନେ ଭାଇ ବୋଲି । ଭାଇଙ୍କର ଯିବା ପାଞ୍ଚ ବର୍ଷ ହୋଇଗଲାଣି । ସେ ଦିନ ମନେପଡ଼ିଲେ ଘାଣ୍ଟି ହେଇଯାଏ ତା'

ଭିତରଟା । ମୃତ୍ୟୁକୁ ଏତେ ପାଖରୁ ଦେଖିନଥିଲା ଶୈଳଜା । ସେ ସତ୍ୟକୁ ସ୍ୱୀକାର କରିବାକୁ କିଛି ସମୟ ଲାଗିଥିଲା ତାକୁ । ସମୟ କାହାପାଇଁ ଅପେକ୍ଷା କରେନି । ସମୟର ଚକ ଗଡ଼ିଚାଲେ ତା' ଗତିରେ ।

ଭାଇ ଚାଲିଗଲା ପରେ ବଦଳି ଯାଇଥିଲା ବଡ଼ମା । ଅଦ୍ଭୁତ ମଣିଷଟିଏ ପାଲଟି ଯାଇଥିଲା ସେ; ସମସ୍ତେ କହୁଥିଲେ ଭାରି ସ୍ୱାର୍ଥପର ହୋଇଯାଇଛି ସେ । ତା' ନିଜ ଛଡ଼ା ବୁଝୁ ନଥିଲା ସେ କାହାକଥା । ତା' ଦେହ ପା, ତା' ଔଷଧ, ତା' ବିଛଣା ହିଁ ଥିଲା ତା'ର ପୃଥିବୀ । ଗାଁକୁ ଫୋନ୍ କଲେ ତା'ରି କଥା ଚର୍ଚ୍ଚାରେ ଫୋନ୍ ରଖିବା ସମୟ ହୋଇଯାଉଥିଲା । କେମିତି ଏତେ ବଦଳି ଗଲା ମଣିଷଟା? ଭଗବାନ ପାଲଟି ଯାଇଥିଲେ ତା'ର ସବୁଠାରୁ ବଡ଼ ଶତ୍ରୁ, ଠାକୁର ଘର ସୀମା ମାଡୁ ନଥିଲା ସେ । ଶୈଳଜା ଦେଖିଥିଲା ଅନ୍ୟ ରୂପଟିଏ ବଡ଼ମା'ର । ମନେପଡୁଥିଲା ତା' ପିଲାଦିନ କଥା ତା'ର । ଖରାଛୁଟିରେ ଗାଁକୁ ଗଲେ କେତେ ଆଦର, ଅଭ୍ୟର୍ଥନାରେ କଟୁଥିଲା ସେ ଦିନଗୁଡ଼ାକ । ତା' ରନ୍ଧା ଭାତ, ତିଅଣରେ ଥିଲା ଅପୂର୍ବ ସ୍ୱାଦ । ମାଟି ହାଣ୍ଡି, ପଲମ, ଆଉ ନଡ଼ିଆ ଡଙ୍କିରେ କରୁଥିଲା ସେ ଚମତ୍କାର । ବଡ଼ମା ହାତ ତିଆରି ଦହିଛେନାର ସ୍ୱାଦ ସେ ଆଜିଯାଏ କୋଉଠି ବି ପାଇନି । ମଝିଦୁଆରେ ଘଷି ନିଆଁରେ ଘୋଳଦହି ସିଝୁଥିଲା ଘଣ୍ଟା ଘଣ୍ଟା । ଆଉ ତା'ପରେ, ସେ ଭିତରୁ ବାହାରୁ ଥିଲା ହାଲ୍‌କା ଗୋଲାପୀ ରଙ୍ଗର ଅର୍ପୂବ ସ୍ୱାଦଯୁକ୍ତ ଛେନା । ଏବେ ମାମୁଁ ଘରକୁ ଗଲେ ଗୁଡ଼ିଆଘରୁ ଦହିଛେନା ମଗିବା ହୁଏ ତା' ପାଇଁ, କିନ୍ତୁ ମନ କ'ଣ ବୁଝେ ସେଥିରେ ! ଏବେ ସେହି ବଡ଼ମା ବିଛଣାରେ । ପିଲାମାନେ ତା'ର ସବୁ ସେଇଠି, କେତେ କଷ୍ଟ ସେ ନପାଉଛି ସତରେ, ସମସ୍ତେ କହୁଛନ୍ତି ଚାଲିଯାଉ ସେ, ଶୀଘ୍ର ମୁକ୍ତି ପାଇଯାଉ ଏ ନର୍କରୁ । ଶୈଳଜା ମନକୁ ବୁଝେଇପାରୁନଥିଲା । କିନ୍ତୁ କିଏ ଭରିବ ସେ ଶୂନ୍ୟତାକୁ? ଜନ୍ମ ସତ୍ୟ ହେଲେ, ମୃତ୍ୟୁ ବି ସତ୍ୟ, ଧରା ପୃଷ୍ଠରେ ଦିଅଁ ଦେବତା ବି ଛାଡ଼ ପାଇନାହାନ୍ତି, ସୃଷ୍ଟିର ନିୟମରୁ, ଆଉ ଆମେ ତ ଛାର ମଣିଷ । ସବୁ ବୁଝି ବି କିଛି ବୁଝି ପାରୁନଥିଲା ସେ । ଆଉ କ'ଣ ସେ କାହାକୁ ବଡ଼ମା ବୋଲି ଡାକିପାରିବ? ନା ତା' ଡାକ ଶୁଣି କିଏ "ଓଲୋ" ବୋଲି ଜବାବ ଦବ ଯେ?

ମା'ଠାରୁ ଶୁଣିଥିଲା ବଡ଼ମାର ଜୀବନ କାହାଣୀ । ଗୁଆଳିପୁର ଜମିଦାର ହରିହର ପଟ୍ଟନାୟକଙ୍କ ଏକମାତ୍ର ସନ୍ତାନ । ମାତ୍ର ଅଢ଼େଇ ବର୍ଷ ବୟସରେ ହଇଜାରେ ପିତୃହରା ହୋଇଯାଇଥିଲା ସେ । କଞ୍ଚା ବୟସରେ ସ୍ୱାମୀକୁ ହରେଇଲା ପରେ, ଝିଅ ମୁଁହକୁ ଚାଁହି

ପଡ଼ିରହିଥିଲା ମାଆ ତା'ର ଶାଶୁଘରେ । ମାତ୍ର ଦେଢ଼ଶୁରଙ୍କର କୋପରୁ ନିଜକୁ ବଞ୍ଚଇନପାରି, କ୍ଷୀର ଖାଉଥିବା ଛୁଆକୁ ଛାଡ଼ି ସେ ପଳାଇଯାଇଥିଲେ ତା' ବାପଘରକୁ । ବଡ଼ମା କିନ୍ତୁ ରହିଯାଇଥିଲା ତା' ବଡ଼ବାପା, ବଡ଼ବୋଉ ଆଉ ତିନି ଭାଇଙ୍କ ସହିତ । କ୍ଷୀର ଖାଇବା ସମୟ ହେଲେ ମାଆ ତା'ର ପଳାଇ ଆସୁଥିଲା ପଡ଼ିଶା ଘରକୁ । ଦିନ ଗଡ଼ିଚାଲିଲା । ଅତି ଅଲିଅଳି, ଗେହ୍ଲା ବସରରେ ସେ ପାଲଟିଗଲା ବଡ଼ବାପା ମହେଶ୍ୱର ପଟ୍ଟନାୟକଙ୍କର ଝିଅ । ଅମାପ ପୈତୃକ ସମ୍ପତ୍ତିର ମାଲିକାଣୀ, ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲାବେଳେ ବାହାଘର ପାଇଁ ଆରମ୍ଭ ହେଲା ତା' ପାଇଁ ସୁପାତ୍ର ଖୋଜା ।

ଦୁର୍ଯୋଗ କିମ୍ବା ସୁଯୋଗକୁ ମହେଶ୍ୱର ପଟ୍ଟନାୟକଙ୍କର ସ୍ତ୍ରୀ ପଡ଼ିଲେ ରୋଗରେ । ଡାକ୍ତରି ପଢ଼ି ସାରି ପ୍ରାକ୍ଟିସ୍ କରୁଥିଲେ ଭାଇ । ତାଙ୍କରି ହାତରୁ ଔଷଧ ଖାଇ ଭଲହୋଇଗଲା ବୁଢ଼ି । ଏ ଡାକ୍ତର ପୁଅର ଭାରି ଭଲ ହାତ, ୟାଙ୍କୁ ହିଁ ଜ୍ୱାଇଁ କରିବି ବୋଲି ଜିଦି ଧରି ବସିଲା ସେ । ଜାତକ ମେଳକ ପରେ ଖୁବ ଯାକଜମକ, ଯାନିଯୌତୁକ ସହିତ ହେଲା ବାହାଘର । ଶୈଳଜାଙ୍କୁ ତାଙ୍କ ଦୁଇଜଣଙ୍କ ଯୋଡ଼ି ଲାଗେ ପୁରା "ବ୍ଲାକ୍ ଏଣ୍ଡ୍ ହ୍ୱାଇଟ୍" । ଭାଇ ଏକଦମ କଳାକୁ ବଡ଼ମା ଠିକ୍ ଓଲଟା । ଚମ୍ପା ରଙ୍ଗର ଦେହକୁ, ଲମ୍ବା ସଳଖ ଚେହେରା, ଠିଆ ନାକ, ବଡ଼ ବଡ଼ ଆଖି, ଏକଦମ ସଖୀ କଣ୍ଢେଇ ଭଳି ରୂପ । ଭାଇଙ୍କର ବାପା ଥିଲେ ଓଭରସିୟର୍ । ଖୁବ ନାଁ କରା ପରିବାରକୁ ବାହାହେଇ ଆସିଲା ସେ, ଆଉ ଆଣିଥିଲା ଅଣ୍ଟିଏ ସ୍ୱପ୍ନ । ସେ ସ୍ୱପ୍ନ ଭାଙ୍ଗିବାକୁ ବେଶୀ ସମୟ ଲାଗିଲାନି । ସନ୍ତାନଟିଏ ଦେଇପାରିଲାନି ସେ ସେହି ଘରକୁ । ଆରମ୍ଭ ହେଲା ଛି'ଛାକର, ଗାଳିମନ୍ଦ ଆଉ ଗୋଟିଏ ନୂଆ ନାଁର ଡାକ "ବାଞ୍ଝ" । ଏତେ ଯନ୍ତ୍ରଣା ସହିନପାରି ଫେରି ଯାଇଥିଲା ସେ ବାପଘରକୁ । ଭାଇଙ୍କ ମାଆ ଜିଦ୍ ଧରିବସିଲେ,


Buy Now!

"ଆଉ ଆଣିବିନି ସେ ବାଞ୍ଛକୁ, ପୁଅ ମୋର ଆଉଥରେ ବାହାହବ ।" ଅଜା ଜିଦ୍ ଧରିବସିଲେ, ସେ କଥା ହୋଇପାରିବନି । ପୁଅର ଜିଦ୍ ଆଗରେ ବୁଢ଼ି ହାର୍ ମାନିଲା । ବଡ଼ମା ପୁଣି ପୁଆଣି ହୋଇ ଆସିଲା ମହାନ୍ତି ଘରକୁ । ବିତିଗଲା ଦଶବର୍ଷ । ଗଡ଼ିଚାଲିଲା ସମୟର ଚକ । କୋଳରେ ପିଲାଟେ ପାଇଁ ବ୍ୟସ୍ତ ହୋଇପଡୁଥିଲା ସେ । ବାୟାବାବାଙ୍କ ମଠରୁ ଆସିଥିଲେ ନିଶିମାତା । ଗୁହାରୀ ଶୁଣିଲା ପରେ ଦେଲେ ବାବାଙ୍କ ବିଭୂତି ଆଉ ଚନ୍ଦନ । କହିଦେଇଗଲେ ରବିନାରାୟଣ ବ୍ରତ ଆରମ୍ଭ କରିବାକୁ । ମନଯୋଗ ଦେଇ ଡାକିଥିଲା ସେ ପ୍ରଭୁଙ୍କୁ, "ହେ ଠାକୁରେ ପିଲାଟିଏ କୋଳକୁ ଦିଅ ।" ଦୁଃଖ ଶୁଣିଲେ ରବିନାରାୟଣ । ବ୍ରତ ଉଦ୍‌ଯାପନା ପରେ ପରେ ମାଆ ଆସିଲା ମୋ'ର କୋଳକୁ ତା'ର, ତା'ପରେ ବଡ଼ମାମୁଁ, ଦୁଇ ଯାଁଆଳା ଝିଅ, ଆଉ ସାନମାମୁଁ । ଯାଆଁଳା ଝିଅ ଦୁଇଟି ଆଗପଛ ହୋଇ ଚାଲିଗଲେ କିଛି ଅଜଣା କାରଣରୁ । ପିଲାଙ୍କ ମୁହଁକୁ ଚାହିଁ ଭୁଲିଗଲା ସେ ଦୁଃଖ । ଘର ପୂରି ଉଠିଲା ତା'ର ସୁଖରେ । ଘରପରିବାର, ସ୍ୱାମୀ ଆଉ ପିଲାଙ୍କୁ ଧରି ଜୀବନ ବିତିଲା । ନିଜ ପ୍ରାକ୍ଟିସ୍ ଏବଂ ଭାଇମାନଙ୍କ ସେବାରେ ବ୍ୟସ୍ତ ଥିଲେ ଅଜା । ହଠାତ୍ ଶ୍ୱଶୁର ତା'ର ଚାଲିଗଲେ ଆରପାରିକୁ, ଘଣ୍ଟାକଣ୍ଟା ପୁଣି ଫେରିଆସିଲା ପୂର୍ବ ସ୍ଥାନକୁ । ସମ୍ପତ୍ତି ଭାଗବଣ୍ଟାକୁ ନେଇ ଚାଲିଲା ଭାଇଭାଇଙ୍କର ଝଗଡ଼ା । ନରମ ସ୍ୱଭାବକୁ ନେଇ ଯା'ମାନେ କରିଚାଲିଲେ ଅତ୍ୟାଚାର । ବାପଘରୁ ଆଣିଥିବା ଜିନିଷ ସବୁ ବୁହା ହେଇଗଲା ନଣନ୍ଦମାନଙ୍କ ଘରକୁ । ରୋଷେଇ ଘରକୁ ପ୍ରବେଶ ନିଷେଧ କରିଦେଲେ ଯା'ମାନେ; ଆଖି ସାମ୍ନାରେ ପିଲାମାନେ ଗଡ଼ି ଯାଉଥିଲେ ଭୋକଉପାସରେ । ବଡ଼ଭାଇମାନଙ୍କୁ ମୁହଁ ଟେକି କିଛି କହିପାରୁନଥିଲେ ଅଜା । ଏତେ ବଡ଼ଘରର ଝିଅ, ଏତେ ବଡ଼ଘରର ବୋହୂର ଜୀବନରେ ଆରମ୍ଭ ହେଲା ନୂଆ ଯୋଗଟିଏ; 'ଦାରିଦ୍ର୍ୟ' ।

ଦୁଃଖକଷ୍ଟରେ ବିତିଚାଲିଲା ସମୟ । କର୍ପୂର ଉଡ଼ିଗଲା, ପଡ଼ିରହିଲା କନା । କାଳର ଚକି ତଳେ ପେଶି ହୋଇ ଯୌବନ ଯେ କେତେବେଳେ ଅତୀତର ମାନସପଟଳରେ ଛବିଟିଏ ହୋଇଗଲା, ଜାଣିପାରିଲେନି ସେ ଦୁଇଜଣ । ଏତେ ଧନସମ୍ପତ୍ତି ଯେ କୁଆଡ଼େ କେମିତି ଉଭାନ ହୋଇଗଲା । ଛୁଆମାନେ ଯାହିତାହିରେ ମଣିଷ ହୋଇଗଲେ । ଶୈଳଜାର ମନେପଡ଼େ ତା' ପିଲାଦିନ, ବଡ଼ମା ଭାଇଙ୍କ ସହିତ କାଟିଥିବା ସମୟ । ପୁନେଇଁ ପରବରେ ପିଠା ଗଢୁଥିବା ବଡ଼ମା, ବାଟଓଷାରେ ପୂଜା କରୁଥିବା ବଡ଼ମା, କଥା କଥାରେ ଢଗ କହୁଥିବା, ସାହି ବୋହୂଙ୍କ ସହିତ ବଡ଼ି ପାରୁଥିବା ବଡ଼ମା । ଭାରି ନିଆରା କାମ ତା'ର ସବୁ, ନିଠେଇ ନିଠେଇ ବସି କାମକରୁଥିବ ।

ଭାଇ ଜାଣିଥିଲେ ତା'ର ଜୀବନ ସଂଘର୍ଷର କାହାଣୀ । ବୁଝିପାରୁଥିଲେ ତା' ଅକୁହା ଭାଷା । କେତେ ଦୁଃଖ ସେ ପାଇଥିଲା ତାଙ୍କ ପାଇଁ । ଶୈଳଜା ଦେଖିଛି, ହାଟରୁ ଆସିଲେ, ଆଣିଥିବା ନୂଆଫଳକୁ ଧୋଇ, କାଟି ଆଗେ ବଡ଼ମାକୁ ଦିଅନ୍ତି ସେ । ସକାଳ ସଞ୍ଜ ଚାହା ଭାଇ କରନ୍ତି, ବାହାର ଚୁଲିରେ ନାଲି ଚାହା ଫୁଟେ, ଛାଣିସାରି ବଡ଼ମା ଆଗରେ ଥୁଅନ୍ତି ପ୍ରଥମେ । ରାତିରେ ଶୋଇବା ପୂର୍ବରୁ ତା' ବିଛଣା ପାରିଦିଅନ୍ତି ତଳେ । ଖଟ ଉପରେ ଶୁଅନ୍ତି ସେ ନିଜେ । ନାତିନାତୁଣି କି ପୁଅ, ଜ୍ୱାଇଁ ଯିଏ ବି ଗଲେ ସବୁ ନଦା ହୁଅନ୍ତି ସେଇଠି । ଦଳେଇ ଘାଇ ଭାଙ୍ଗିଲା ପରେ ଘରର ଯାହା ସବୁ ଥିଲା ସବୁ ଚାଲିଯାଇଥିଲା ବନ୍ୟା ପାଣିରେ । କିନ୍ତୁ ସହର ଜୀବନର ସେ ଚାକଚମକଠୁ, ଖରାଛୁଟିର ସେ ଗାଆଁରେ ବିତେଇଥିବା ସମୟ ଶୈଳଜାର ଭାରି ମନେପଡ଼େ । ଧୀରେଧୀରେ ବୁଲୁଥିବା ସେ ହାତ ବିଞ୍ଚଣା ପବନର ମଜା, କ'ଣ ଏବେର ଏୟାର କଣ୍ଡିସନର୍‌ରେ ଅଛି?



ପାଖରେ ଶୋଇଲେ ରାତି ସାରା ଭାଇଙ୍କର ହାତ ବିଞ୍ଚଣା ଚାଲିଥାଏ । ଗଦାଗଦା ଜହ୍ନମାମୁଁ, ଦସ୍ୟୁ ରବୀନ ରତନଙ୍କ ଭିତରେ ଛୁଟି କେମିତି ସରି ଯାଉଥିଲା ଜାଣିହଉନଥିଲା । ଭାଇଙ୍କର ସେ ସ୍ନେହ, ସେ ଭଲପାଇବାକୁ ସେ ଖୁବ୍ ଝୁରେ ଏବେ ।

ଔଷଧ ଖାଇବା ପାଇଁ ଖୁବ୍ ଗୋଟେ ଦୁର୍ବଳତା ଥିଲା ବଡ଼ମା'ର । ଡାକ୍ତର ବର ତା'ର ସେ ଦୁର୍ବଳତାକୁ ଅଭ୍ୟାସରେ ବଦଳେଇଦେଇଥିଲେ । ଛିଙ୍କ ଟିକେ ହେଲେ ବି ତା' ପାଟିରେ ଔଷଧ ଦଉଥିଲେ ଭାଇ । ଔଷଧ ଖାଇ ଖାଇ ସେ ନିଜେ ହୋଇଯାଇଥିଲା ଗୋଟେ କୁଜି ଡାକ୍ତର । ସବୁ ନାତିନାତୁଣି ହସୁଥିଲେ ତା'ର ଏ ଗୁଣ ଉପରେ । କିଛି ରୋଗ ନଥିଲା, କିନ୍ତୁ ଔଷଧ ବନ୍ଦ ହୋଇଗଲେ ତା'ର ଖାଇବାପିଇବା, ପୋଖରୀ ପାଣି ସବୁ ଏପଟ ସେପଟ ହେଇଯାଉଥିଲା । ଔଷଧ ଖାଇବା ଅଭ୍ୟାସକୁ ଦେଖି ଡାକ୍ତର ତାକୁ ଭିଟାମିନ୍ ସିରପ୍ ଦଉଥିଲେ । ସମାନ ଔଷଧ ଡବା ଦେଖିଲେ, ତା'ର ରୋଗ ପୁଣି ବାହାରୁଥିଲା । ଏଇଟା ପରା ଆର ମାସ ଖାଇଥିଲି, ପୁଣି କ'ଣ କାମ କରିବ ଏ ମାସରେ? ହସି ହସି ଗଡ଼ି ଯାଉଥିଲେ ସମସ୍ତେ ।

ଜୀବନ ଜଞ୍ଜାଳରେ ବାର୍ଦ୍ଧକ୍ୟ ଯେ କେବେ ଛୁଇଁ ଗଲା ସେ ଦୁଇଜଣଙ୍କୁ । ମୋତିଆବିନ୍ଦୁ ଅପରେସନ ପରେ ଭାଇ ପଡ଼ିଗଲେ ଥରେ ପଲଙ୍କ ଉପରୁ । ପାରାଲିସିସ୍ ହୋଇଗଲା ତାଙ୍କୁ । ଖବର ପାଇ ସମସ୍ତେ ପହଞ୍ଚିଲେ ଗାଁରେ । ସେହି ପଡ଼ିବାର ସାତ ଦିନରେ ଭାଇ ଚାଲିଗଲେ । ଜୀବନଟା ଯେ ସତରେ ପାଣି ଫୋଟକା, ସେତିକିବେଳେ ଜାଣିଲା ଶୈଳଜା । ପିଲାମାନେ ତାଙ୍କର ବାପା ଛେଉଣ୍ଡ ହୋଇଗଲେ । ତା'ପରେ ବଡ଼ମାର ହେଲା ଅସ୍ୱାଭାବିକ ପରିବର୍ତ୍ତନ । ଏତେ କାମକରିପାରୁଥିବା, ଖୁସିବାସିଆ ମଣିଷଟେ ବଦଳି ଗଲା କେମିତି ଯେ? ସ୍ୱାମୀ ସାଙ୍ଗ ଛାଡ଼ିଗଲା ପରେ, ପ୍ରକାଶ କରିପାରୁନଥିବା ଦୁଃଖକୁ ସେ ଏମିତି ପିଉଥିଲା । ମନର ମଣିଷ ତା'ର ଚାଲିଗଲେ ତାକୁ ପର କରି । ରୁକ୍ଷ ମଣିଷଟିଏ



ପାଲଟିଯାଇଥିଲା ସେ; ତା' ନିଜ ଦେହ, ନିଜର ଖାଇବା, ନିଜର କାମ ଛଡ଼ା ସେ କିଛି ବୁଝୁନଥିଲା । ଭାରି କମ କଥାକହୁଥିଲା, ଆଉ ଦିନସାରା ଗୋଟିଏ ଜାଗାରେ ବସିରହୁଥିଲା ପ୍ରାୟତଃ । ଭଗବାନ ପାଲଟି ଯାଇଥିଲେ ତା'ର ସବୁଠୁ ବଡ଼ ଶତ୍ରୁ । ସୀମା ମାଡୁ ନଥିଲା ସେ ଠାକୁର ଘରର; ଠାକୁର ଘରୁ ତାକୁ ଯେମିତି କିଏ ମାରିଗୋଡ଼ଉଥିଲା ।

ଭଲ ମନରେ ବସିଲେ କେବେକେବେ ପୁରୁଣା ପୋଥି ଖୋଲୁଥିଲା ସେ । ତା' ବାପଘର କଥା କହୁଥିଲା ସେ । କେମିତି ଜାତକରେ ଦୁଇ ଦ୍ୱାଦଶ ଦେଖି ବାହାଘର କରିଥିଲେ ତା' ବଡ଼ବାପା । ଦୁଇ ଦ୍ୱାଦଶରେ ବାହାଘର ହେଲେ ସେ ଦମ୍ଭଉ ଆଜୀବନ ଦରିଦ୍ର ରୁହନ୍ତି ପରା । ବାପାମା'ଙ୍କ ପରେ ମହେଶ୍ୱର ପଟ୍ଟନାୟକ ତାଙ୍କ ଚକ୍ରାନ୍ତ ଖେଳିଥିଲେ । ଅଚଳାଚଳ ସମ୍ପତ୍ତି ତାଙ୍କ ପୁଅମାନଙ୍କୁଠୁ ଯେମିତି ଭାଗ ନହେଇଯାଉ, ଦାରିଦ୍ର୍ୟର କଷଣରେ କେହି କ'ଣ କୋର୍ଟ କଚେରୀ ପାଇଁ ଖୋରାକ ଯୋଗାଡ଼ିପାରେ ! ବଡ଼ବାପା ତା'ର ଜାଣିଥିଲେ ଝିଆରୀର ସ୍ୱଭାବ, ଆଉ ଭାଇ ଥିଲେ ସବୁ ସହିଯିବା ପକୃତିର ।

ଶେଷଥର ଦେଖିଥିଲା ଶୈଳଜା ବଡ଼ମାକୁ, ମାମୁଁ ଝିଅ ଭଉଣୀର ବାହାଘରରେ । ସବୁ କାମକୁ ନିଘା ତା'ର । କିଏ ଆସିଲା, କିଏ ଗଲା, କ'ଣ ଦେଲା, କ'ଣ ବେଭାର ନେଲା ସବୁ ପଚାରି ବୁଝିବ । ବଡ଼ପାଟିରେ କଥାହେଲେ କିଏ କ'ଣ କାଳେ କହିବ ବୋଲି, ଭାରି ଫୁସଫୁସ କଥା ତା'ର । ଝିଅ ବିଦା ବେଳେ ଭଉଣୀ-ଜ୍ୱାଇଁଙ୍କୁ ଧରି କାନ୍ଦୁଥିଲା, "ମୋ ଝିଅକୁ ଭଲରେ ରଖିବ ହେ ବାବୁ ।" ବାସ୍ ସେତିକି, ତା'ପରେ ସେ ଚାଲିଆସିଥିଲା ରବିଙ୍କ ପାଖକୁ ଆମେରିକା । ଫୋନ୍‌ରେ କଥାହେଲେ ସେ ପଚାରି ବୁଝେ ବଡ଼ମା ଖବର । ସେଇ କଳଗାଉଣା ରେକର୍ଡ଼ ବାଜେ । ବଡ଼ମାର ଔଷଧ ଖାଇବାର ଦୁର୍ବଳତା, ଜିଦ୍ ଧରି ବସିବା ବଢ଼ିଚାଲିଥିଲା ବୟସ ବଢ଼ିବା ସହିତ ।



ରବି ଡାକୁଛନ୍ତି ଉପର ଘରୁ, ପିଲାମାନେ ଉଠିଲେଣି । ଛୁଟି ଦିନରେ ବେଶୀ କାମ । ତା' ଉପରେ ଶୀତ ଋତୁ ତ ଅସରନ୍ତି ଏପଟେ । ନିଜ ଦୁନିଆକୁ ଫେରିଆସିଲା ଶୈଳଜା । ସମୟର ଚକ କାହାକୁ ଅପେକ୍ଷା କରେନି । ଗଡ଼ିଚାଲେ ତା' ନିଜ ମତେ । କୋଉଦିନ ଫୋନ୍ କଲେ ଶୁଣେ, ବଡ଼ମା ଭଲ ଅଛି, ଏବେ ଟିକେ ବସିଲାଣି, ଖାଇବା ପିଇବା ଠିକ ଅଛି । ପୁଣି କେବେ ଶୁଣୁଥିଲା, ପାଣି ଟୋପେ ବି ତଣ୍ଟିରେ ଯାଉନି କି ସେ ମଣିଷ ଚିହ୍ନୁନି । ବିଛଣାରେ ପଡ଼ି ପଡ଼ି ଦେହରେ ଘା ସବୁ ଆରମ୍ଭ ହୋଇଯାଇଥିଲା । ଭାରି ଯନ୍ତ୍ରଣା ପାଉଥିଲା ସେ । ପିଲାବେଳ କଥା ମନେପଡୁଥିଲା ଶୈଳଜାର । ସମୟ କୁଅଡ଼େ ଚାଲିଗଲା ଯେ, କେତେ ଶୀଘ୍ର ସେ ବଡ଼ ହୋଇଗଲା ଆଉ ବଡ଼ମା ତା'ର ବୁଢ଼ି ହୋଇଗଲା । ଶୈଳଜାର ଆଶା ମରିନଥିଲା ତଥାପି, ସବୁଦିନେ ସେ କଥା ହେବା ପୂର୍ବରୁ ଭାବୁଥିଲା, ଆଜି ସେ ଶୁଣିବ ବଡ଼ମା ଭଲଅଛି । ଆଉ ସେ ଧୀରେ ଧୀରେ ଭଲ ହୋଇ ଯିବ । ଖରା ଛୁଟିରେ ପୁଣି ସେ ଦେଖିବ ବଡ଼ମାକୁ । ଏଥର ଗଲେ ମନଭରି



ଗପିବ ସେ ତା'ସହିତ, ଲେଖି ରଖିବ ତା'ର ଡଗଡମାଳି ସବୁ । ବଡ଼ମା ଭଲହୋଇଯାଉ, ପ୍ରଭୁଙ୍କ ଚରଣରେ ଗୁହାରି ବାଢୁଥିଲା ଶୈଳଜା ।

ବ୍ୟସ୍ତ ବହୁଳ ଜୀବନର ଚକ ଗଡ଼ିଚାଲିଥିଲା । ବରଫ ପଡ଼ିବା କମ ହୋଇଯାଇଥିଲା, ମାତ୍ର ସୂର୍ଯ୍ୟଙ୍କର ଲୁଚକାଳି ଖେଳ ଚାଲୁରହିଥିଲା । ସେ ମଧ୍ୟରେ ବଡ଼ମା ସହିତ କଥା ହେବାପାଇଁ ଚେଷ୍ଟା କରିଥିଲା ସେ । କାନ ପାଖରେ ଫୋନ୍ ଦେଲେ ଗଣଗଣିଆ ସ୍ୱର ତା'ର ଭାସି ଆସୁଥିଲା, ଅସ୍ପଷ୍ଟ ଶବ୍ଦ ସବୁ କିଛି ବୁଝିହେଉନଥିଲା । ମନଭରି କାନ୍ଦିଥିଲା ଶୈଳଜା ସେଦିନ, ସତରେ କ'ଣ ବଡ଼ମା ଆଉ ଭଲ ହବନି? ଏତେ ପ୍ରିୟ ମଣିଷଟିକୁ ହରାଇବାର ଆସନ୍ନ ଦୁଃଖରେ ଛାତି ଫାଟିଯାଉଥିଲା ତା'ର । ଜୀବନଟା ପାଣିଫୋଟକା, କେତେବେଳେ ଯେ ପାଣିରେ ମିଳେଇ ଯିବ, ତା'ର କି ଭରଷା? ସେ କ'ଣ ଆଉ ଦେଖିପାରିବ ବଡ଼ମାକୁ? କେତେ କଥା ବାକି ରହିଯାଇଥିଲା ତା'ର, ହାତ ମୁଠାରୁ ଖସି ଚାଲିଥିଲା ସମୟର ବାଲି । ଯେତେ ଜୋର୍‌ରେ ମୁଠେଇ ଧରିଲେ ବି,


ବାକି ତକ ବି ଖସି ଯାଉଥିଲା ତା' ନିଜ ଗତିରେ । ଚେଷ୍ଟା କରି ବି ସେ ସମୟକୁ ଅଟକେଇପାରୁନଥିଲା । ଗାଁରୁ ଘରକୁ ଫେରି ଆସିଥିଲା ମାଆ । ନିଜ ନିଜର କର୍ମସ୍ଥଳୀକୁ ଲେଉଟି ଯାଇଥିଲେ ମାମୁଁମାନେ । ବଡ଼ମା ଅବସ୍ଥାରେ କିଛି ପରିବର୍ତ୍ତନ ନଥିଲା । କେତେଦିନ ବା ଆଉ କିଏ ରହିପାରିବ ନିଜର ବେଉସା ଛାଡ଼ି ।

ମାର୍ଚ୍ଚ ମାସର ଛାଇଲେଉଟାଣି ଅପରାହ୍ନ । ବଶିଷ୍ଠ ସ୍କୁଲରୁ ଫେରିବାକୁ ଅପେକ୍ଷା କରୁଥିଲା ଶୈଳଜା । ଘର ଫୋନ୍‌ର ଚିତ୍କାରରେ ସେ ଚମକି ପଡ଼ିଲା । ମା'ର ନମ୍ବର ଦେଖି ସେ ଭାବିପାରୁନଥିଲା ଅବେଳରେ ଏ ଫୋନ୍‌କଲ୍‌ର ଅର୍ଥ । ଫୋନ୍‌ରେ ମା'ର କୋହ ଭରା ସ୍ୱର, "ମୋ ମାଆ ଚାଲିଗଲାରେ ମାଆ ।" ରିସିଭର୍‌ଟିକୁ ଧରି ସେ ବସିପଡ଼ିଲା ସେଇଠି । ଲିଭିଗଲା ଦୀପ, ଲିଭିଯିବା ପୂର୍ବରୁ ଜଳିଉଠିଥିଲା ଜୋର୍‌ରେ, ସ୍ପଷ୍ଟ କଥା କହୁଥିଲା ସେ, ଚିହ୍ନି ପାରୁଥିଲା ସେ ସମସ୍ତଙ୍କୁ । କହୁଥିଲା କେମିତି କୋଉକାଳରୁ ମରିଯାଇଥିବା ତା' ବଡ଼ଭାଇ ଆଉ ବାପା ଆସିଛନ୍ତି ତା' ପାଖକୁ । ଗୋଟିଏ ଯୁଗ ସରିଗଲା । ଭାଇ-ବଡ଼ମାଙ୍କ ଯୁଗଟି ସରିଗଲା । ପିଲାଦିନର ଗୋଟିଏ ପାଦ୍ୟରେ ପରଦା ପଡ଼ିଗଲା । ଗାଁର ସେ ଆକର୍ଷଣ, ସେ ସ୍ନେହ, ମମତା ସବୁ ଚାଲିଗଲା ବଡ଼ମା ସହିତ । ଗାଁ, ମାମୁଁ ଘର, ରଜଦୋଳି, ଖରାଛୁଟି, ସଜନାଫୁଲ ରାଇ, ସେ ମାଟିହାଣ୍ଡି ମରା ଘିଅର ବାସ୍ନା ସବୁ ଝାପ୍ସା ଦିଶୁଥିଲା । ସ୍ମୃତି ସବୁ ଏବେ ଅନୁଭୂତି । ପିଲାଦିନ ସବୁ ଚକଚକ ଦିଶୁଥିଲା ଶୈଳଜାର ଲୁହଭର୍ତ୍ତି ଆଖିରେ । ସ୍ମୃତି ଏକ ରୂପା ଜହ୍ନ ପରା ।

- ସ୍ୱାଗତିକା ନାୟକ

ନିର୍ମାଲ୍ୟ, ମିଶୋରି ସିଟି, ହ୍ୟୁଷ୍ଟନ





ପରୀକ୍ଷା


ସୁନାଲତା ପରିଡ଼ା

ଏ ଜୀବନ ହେଉଛି ପରୀକ୍ଷାର ଏକ ସୋପାନ
ସଂଘର୍ଷମୟ ଜୀବନ ହେଲେ...
ମନ କହେ...
ଜୀବନ ଏକ ପରୀକ୍ଷା
ପ୍ରତି ସମୟରେ ପରୀକ୍ଷା
ପ୍ରତି ସ୍ତରରେ ପରୀକ୍ଷା
ପ୍ରତି ସ୍ୱାଦରେ ପରୀକ୍ଷା
ପ୍ରତି ରକ୍ତବିନ୍ଦୁରେ ପରୀକ୍ଷା
ହୃଦୟର ପ୍ରତି ସ୍ପନ୍ଦନରେ ପରୀକ୍ଷା
ନିଜକୁ ପ୍ରମାଣିତ କରିବା ହେଉଛି ଏକ ପରୀକ୍ଷା ।

ହସରେ... ଲୁହରେ... କର୍ମରେ... କର୍ତ୍ତବ୍ୟରେ...
ସମ୍ପର୍କରେ... ସମାଜରେ... ସମ୍ମାନରେ... ଜୀବନରେ...
ଏ ଜୀବନ ଆରମ୍ଭରୁ ଶେଷ ଯାଏ...
ଶେଷରୁ ପୁଣି ଆରମ୍ଭ ଯାଏ...
କେବଳ ଖାଲି ପରୀକ୍ଷା, ପରୀକ୍ଷା, ପରୀକ୍ଷା...
ମାଆଟିର ବି ପରୀକ୍ଷା...
ପିଲାଟିର ବି ପରୀକ୍ଷା ।

ପରୀକ୍ଷାର୍ଥୀର ବି ପରୀକ୍ଷା
ଶିକ୍ଷକର ବି ପରୀକ୍ଷା
କେତେବେଳେ ସଫଳ ପୁଣି କେତେବେଳେ
ବିଫଳ ।
ବୋଧହୁଏ ଜୀବନର ଅନ୍ୟ ନାମ ପରୀକ୍ଷା...
ନା ବଞ୍ଚିବାର ଅନ୍ୟ ଦିଗ ପରୀକ୍ଷା...

- ସୁନାଲତା ପରିଡ଼ା



ଆଉ ନାହିଁ

ପ୍ରଭାତ ବଳ

ତୁମର ସେ ଦୁର୍ବଳତା ଆଉ ନାହିଁ
ଆଗ ଭଳି ମୋ ଶବ୍ଦ ମାନଙ୍କ ପ୍ରତି,
ତୁମର ସେ ବିହ୍ୱଳତା ଆଉ ନାହିଁ
ବିତୃଷ୍ଣାରେ କଟେ ମୋର ରାତି ।

ତୁମର ଆଉ ସେ ଉଦ୍ଧାମତା ନାହିଁ
ମୋ ନିରବତାର ମରୁଭୂମି ଉପରେ
ଅସରାଏ ଧ୍ୱନି ହୋଇ ବର୍ଷିବାକୁ,
ଆଉ ନାହିଁ ତୁମର ସେ ସଂଯମତା
ଛିନ୍ନ କରି ମୋ ସଂଭ୍ରମତାର ଶିକୁଳୀ
ଭେଟିବାକୁ ମୋ ନିନ୍ଦା ପରର ସତ୍ୟତା ।

ଆଉ କାହିଁ ଦେଖୁନି ତୁମଠି ସେ ଉତ୍ସୁକତା
ସ୍ୱାର୍ଥମାନେ ସବୁ
ମୋର ଦାସତ୍ୱ ଗ୍ରହଣ କଲାପରେ,
ବିଲୁପ୍ତ ପ୍ରାୟ ତୁମ ବିରହୀ ଲୋତକତା
ଯନ୍ତ୍ରଣାର ଶଯ୍ୟାରେ ମୁଁ କ୍ରୁଶବିଦ୍ଧ ହେଲାପରେ ।



ଆଉ କାହିଁ ଫେରୁନି !
ତୁମର ସେ ମୃଦୁ ଚଞ୍ଚଳତା,
ମୁଁ ବି ତ ଛୁଇଁଛି ବୈଶାଖର ନିଷ୍ପେଶୀ ଇଲାକା

ମୋତେ ବି ତ ଶ୍ୱାସରୁଦ୍ଧ କରିଛି
ଅଫଗୁଣେ କାଳ ମେଘର ଔଦ୍ଧ୍ୟତା,

ଅସମୟେ ଅବିଶ୍ୱାସର ଉର୍ଜ୍ଜା
ମୋତେ ବି ତ ଗୃହବନ୍ଦୀ କରିଛି,
ହେଲେ କେବେ ଦେଖିଛ କି?

ଅଥର୍ବତାର ମୁଖା ପିନ୍ଧି ପିନ୍ଧି
ମୋ ଇନ୍ଦ୍ରିୟମାନଙ୍କୁ ସ୍ଥାଣୁ ପାଲଟିଯିବାରେ ।

ତା'ହେଲେ କାହିଁଗଲା?
କାହିଁଗଲା ତୁମର ସେ ଅଖଣ୍ଡ ଧୈର୍ଯ୍ୟ
ଓ ସାହସର ସ୍ପଷ୍ଟ ପ୍ରାମାଣିକତା?
କେବେ ପୁଣି ପାଇବି?
ତୁମ ପ୍ରେମେ ଭିଜିବାର ସାର୍ଥକତା ।

- ପ୍ରଭାତ ବଳ



ସମ୍ବଲପୁରୀ ମାସ୍କ (3 at 199/-)
ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

Buy Now!





ତିକ୍ତତା

ପ୍ରଦୀପ କୁମାର ଦାଶ

ପ୍ରତିଦିନ ଜୀବନର ଲକ୍ଷ୍ୟ ଖୋଜେ ପୁଣି ହୁଏ ଲକ୍ଷ୍ୟହୀନ, ଦିଶାହୀନ ଆଉ ଦିଗହରା । ଚିର ପରିଚିତ ରାସ୍ତାରେ ଅପରିଚିତ । ନିର୍ଦ୍ଦିଷ୍ଟ ପଥରେ ନିରୁଦିଷ୍ଟ ହେଇ ପୁନର୍ବାର ତିକ୍ତ । ଆଜି ହୁଏ ଇଚ୍ଛା ଚାଲିଯାଆନ୍ତି ଅନେକ ଦୂର ଅମଡ଼ା ବାଟେ ଯହିଁ ନଥିବ ସଭ୍ୟ ସମାଜର ଅସଭ୍ୟ କଳରବ । ଅଜଣା ମହକରେ ସବୁ ଭୁଲିଯିବି କେନ୍ଦ୍ରବିନ୍ଦୁ ଏକ ଦୁର୍ବାର ଆକର୍ଷଣର ।

ବେଳେବେଳେ ଏମିତି ବି ହୁଏ କି ଯାହାକୁ ମନ ଭାବେ ପ୍ରତାରଣା ହୁଏତ ସେ ଥାଏ ମନର ଭ୍ରାନ୍ତ ଧାରଣା । ମନ ଯେବେ କରେ ଅନେକ କଳ୍ପନା ଜଳ୍ପନା କିନ୍ତୁ ନୀରବତା ଦେଇଯାଏ କେବଳ ଆଶ୍ୱାସନା । ମନ ଯାହା ପାଇଁ ହୁଏ ଭାବ ପ୍ରବଣ ହୁଏତ ତାହା ହେଇପାରେ କେବଳ ଆକର୍ଷଣ ।

ଯେତେବେଳେ ବଢ଼ିଥାଏ ପରସ୍ପର ମଧ୍ୟରେ ଦୂରତା ସେତେବେଳେ ଉପଲବ୍ଧି ହୁଏ ସମ୍ପର୍କର ପୂର୍ଣ୍ଣତା । ଯେତେବେଳେ ସମ୍ପର୍କରେ ବଢ଼େ ଅନେକ ତିକ୍ତତା ସମୟ ଆଡୁଆଳରେ ରହିଯାଏ କିଛିଟା ସତ୍ୟତା । ଯେତେବେଳେ ନେବାକୁ ହୁଏ ଅନେକ ଦାୟିତ୍ୱ ସେତେବେଳେ ବୁଝାପଡ଼େ ଜୀବନର ପ୍ରକୃତ ମହତ୍ତ୍ୱ ।

ଏଠି, ଫଗୁଣର ମିଠା ରଙ୍ଗ ଅଛି ଭରା ଶ୍ରାବଣର ମେଘ ବି ଅଛି ପୁଣି ଅଛି ଏଠି ନିଦାଘର ତାତି ବିରହ ବେଦନା-ପ୍ରଣୟ ଆକୁତି କିଛି ଆତ୍ମୀୟତା ଏବଂ କିଛି ତିକ୍ତତା । ସନ୍ଦେହ ତିକ୍ତତା ସୃଷ୍ଟି କରେ । ଅବିଶ୍ୱାସ ସମ୍ପର୍କକୁ ଭାଙ୍ଗିଦିଏ ଏହି ଦୁଇଟା ଗୁଣ ମଣିଷର ବଡ଼ ଶତ୍ରୁ ଅଟନ୍ତି ।

ଆମେ କହିବା ଓ କରିବା ଆଗରୁ ଥରେ ଚିନ୍ତାକଲେ ବହୁ କ୍ଷତି, ତିକ୍ତତା, ଅସୁବିଧା, ହିଂସା, ଅବସାଦ ଓ ଅଶାନ୍ତିକୁ ରୋକା ଯାଇପାରିବ ।

ସଂପର୍କରେ ତିକ୍ତତା ଦୂରରେ ରହିଲେ ଆସି ନଥାଏ ବରଂ ସମୟ ଦେଇନପାରିଲେ ଆସିଥାଏ । ମସ୍ତିଷ୍କ ଆଉ ହୃଦୟ ମଧ୍ୟର ତିକ୍ତତା ଚାହିଁଲେ ବି ବୁଝି ହୁଏନା । ଜଣେ ନିଜ ପାଇଁ ହାରିବାକୁ ଚାହିଁଲା ବେଳେ ଆଉ ଜଣେ ତାକୁ ହାରିବାକୁ ଦିଏନା ।



ଶୁଭପଲ୍ଲବ

ଷ୍ଟୋରରେ ଉପଲବ୍ଧ

Buy Now!

ଅନେକ ସ୍ଥାନରେ ଦେଖାଯାଏ ଯେ କେତେଜଣ ତଥ୍ୟ ଭିତ୍ତିକ ତର୍କକୁ ଉପେକ୍ଷା କରି ସଂଯମହୀନ ଆଚରଣ ଓ ଅଶାଳୀନ ଭାଷା ପ୍ରୟୋଗ କରନ୍ତି, ଫଳତଃ ତିକ୍ତତା ସୃଷ୍ଟି ହୁଏ । ବନ୍ଧୁତ୍ୱ କହିଲେ ଏକ ନିଆରା ସମ୍ପର୍କକୁ ବୁଝାଏ । ଯେଉଁ ସମ୍ପର୍କରେ ନା ଥାଏ ପ୍ରତାରଣା ନା ଥାଏ ତିକ୍ତତା ମନୋଭାବ । ବିଶ୍ୱାସର ଦ୍ୱାହିଦେଇ ଗଢ଼ିଉଠିଥାଏ ଏହି ସମ୍ପର୍କ । ମନରେ ଅଧିକ ପ୍ରେମ, ଭରସା ମଜବୁତ କରିଦେଇଥାଏ ବନ୍ଧୁତ୍ୱର ମୂଳଦୁଆକୁ । ଗୋଟିଏ ସୁନ୍ଦର ବନ୍ଧୁ ହେଉଛି ଇଶ୍ୱରଙ୍କ ଅନ୍ୟରୂପ । ବନ୍ଧୁ ବିନା ଜୀବନ ଅସମ୍ପୂର୍ଣ୍ଣ ।

- ପ୍ରଦୀପ କୁମାର ଦାଶ



ନୈନା

ପ୍ରମୋଦ କୁମାର ବିଶ୍ୱାଳ

ନୈନା ତମେ ଅଜଣା ଗପର ନୂଆ ନାୟିକା
ଅକୁହା କଥାର ତମେ ନୂଆ କବିତା ।

ନୈନା ତମେ ଫୁଲର ଦେଶ ରାଜକୁମାରୀ
ବନ ପାହଡ଼ର ତମେ ବନ ହରିଣୀ ।

ନୈନା ତମେ ସାଗରର ଶାମୁକାରାଣୀ
ସ୍ୱାତି ନକ୍ଷେତ୍ର ଜଳରେ ସାଜ ମୁକୁତା ମାଳୀ ।

ନୈନା ତମେ ବସନ୍ତରେ କୃଷ୍ଣଚୂଡ଼ା କେଶ ଚୂଡ଼ାମଣୀ
ନୈନା ତମେ ଶ୍ରାବଣେ ଆକାଶେ କଳାଗଭାର ବେଣୀ ।


ନୈନା ତମେ ମୋ ହୃଦୟର ସ୍ପନ୍ଦନର ପ୍ରତିଧ୍ୱନୀ,
ମୋ ଜୀବନର ରଙ୍ଗରେ ତମେ ଆଶା ରୋଷଣୀ ।

- ପ୍ରମୋଦ କୁମାର ବିଶ୍ୱାଳ





Now it's easy to read
The Quotes by Shubhapallaba
quotes.shubhapallaba.in



ତୁଠ ପଥରଟା କାନ୍ଦୁଛି

ସନାତନ ଦାସ

ଆଚ୍ଛା, ଜାଣିଛ ନା,
ତୁମ ଗାଁ ପୋଖରୀ ତୁଠରେ
ତୁଠ ପଥରଟା କାନ୍ଦୁଛି...॥

କାନ୍ଦିବ ନାହିଁ କେମିତି ଯେ,
ତୁମେ ଚାଲିଯିବ କାହାର
ସାଧବବୋହୂ ହୋଇ
ତା'ଠାରୁ ବହୁ ଦୂରକୁ...॥

ସବୁକିଛି ଛାଡ଼ିଦେଇ ଚାଲିଯିବ
କେଉଁ ଏକ ଅଜଣା ଗାଆଁକୁ
ଗୋଟେ ବିଦେଶୀର ହାତ ଧରି...॥

ପାଇବନି ବୋଲି ତୁମ ପାଦ ସ୍ପର୍ଶ
ଏବେଠୁ ଗୁମୁରି ଗୁମୁରି କାନ୍ଦୁଛି
ଝୁରିହେଉଚି ସେ ସବୁ ସମୟ
ଯାହା କାଟୁଥିଲା ସେ ସବୁ ଦିନ
ତୁମ ସହ ଅନ୍ତରଙ୍ଗର
କିଛି ଅଭୁଲା ମୁହୂର୍ତ୍ତ...॥

ବିନତି କରି କହୁଚି,
ଚାଲିଯିବା ଆଗରୁ ତାକୁ
ସମୁଦ୍ରରେ ଫିଙ୍ଗି ଦିଅ
ଅବା ହାତୁଡ଼ିରେ ପିଟି
ଭାଙ୍ଗି ଦିଅ ଖଣ୍ଡ ଖଣ୍ଡ କରି...॥

ହେଲେ, ମୁଁ କ'ଣ କରିବି ଯେ
ଆଜି ତୁଠକୁ ଗଲାବେଳେ
ପଥରଟି ଅଭିମାନରେ
ଏତେ କଥା ସବୁ ବଖାଣି ଦେଲା...॥

ଆଉ କହିଲା, ବାବୁ,

ତାକୁ ଟିକେ ମୋ ତରଫରୁ
ଶୁଭ ପରିଣୟର ଲୁହ ଭିଜା
ଶୁଭେଚ୍ଛା ଜଣାଇ ଦେବ...॥

ବାସ୍, ଏମିତି...
ତା' କଥାକୁ ତୁମ ପାଇଁ
କଲମ ମୁନରେ ଉତ୍ତାରି ଦେଲି...॥

- ସନାତନ ଦାସ



Sambalpuri Masks

Available on Shubhapalla Store

Buy Now!



ତୁ

ଚିନ୍ମୟ କୁମାର ସାହୁ

ପହିଲି ବର୍ଷାରେ କାଦୁଆ ବିଲରେ ଧାନ ରୁଆଟିଏ ମୁଁ
ମୋ କଅଁଳ କାଣ୍ଡକୁ ଶକ୍ତ କରୁଥିବା ଆଷାଢ଼ ଶ୍ରାବଣ ତୁ ।

ମନ ବହିଆକ ଡାଏରୀର ସାଧା କାଗଜ ଫର୍ଦ୍ଦଟେ ମୁଁ
ମୋ ଛାତିରେ ଗାରେଇ କବିତାଟେ ଲେଖି କବିର କଳ୍ପନା ତୁ ।

କୋଟିଏ ତାରାଙ୍କୁ ପାଖରେ ରଖିବି ଏକା ଆକାଶଟେ ମୁଁ
ମୋ ଅନ୍ଧାର ହୃଦୟେ ଆଶା ଭରୁଥିବା ପୁନେଇଁ ଚାନ୍ଦଟା ତୁ ।

ବର୍ଷାକୁ ବାଟେଇ ଶୀତକୁ ବନ୍ଦେଇ ଶରତ ଋତୁଟେ ମୁଁ
ମୋ ଦାଣ୍ଡ ଅଗଣାରେ ନାଚି ଖେଳୁଥିବା କାଶତଣ୍ଡି ଫୁଲ ତୁ ।

ଅଙ୍କା ବଙ୍କା ପଥେ କୁଳୁ କୁଳୁ ବୋହି ଲକ୍ଷହୀନ ନଈ ମୁଁ
ମୋ ଠିକଣା ସାଇତି ଆଶ୍ରା ଦଉ ମୋତେ, ଦରଦୀ ସମୁଦ୍ର ତୁ ।

ଝଡ଼ ବତାସକୁ ଭାରି ଭୟ ମୋର ହୁଲି ଡଙ୍ଗାଟିଏ ମୁଁ
ମୋ ହାତ ଧରି ମୋତେ ଭସେଇ ନେଉରେ କାଠ ଆହୁଲାଟେ ତୁ ।

ପଥର ସନ୍ଧିରେ ଆପେ ଫୁଟିଥିବା ଜଙ୍ଗଲୀ ଫୁଲଟେ ମୁଁ
ମୋ ବାସ୍ନାହୀନ ତନୁ ମହୁ ଶୋଷୁଥିବା ମହୁମାଛି ପରା ତୁ ।

ଅଜଣା ସହରେ ଅମଡ଼ା ବାଟରେ ଶୋଷିଲା ବାଟୋଇ ମୁଁ
ମୋତେ ଅସରନ୍ତି ରାସ୍ତା ଅପେକ୍ଷା କରିଛି, ମୋ ମରୁ ମରୀଚିକା ତୁ ।

- ଚିନ୍ମୟ କୁମାର ସାହୁ



ଶୁଭପଲ୍ଲବର ସଦ୍ୟତମ
ସଂସ୍କରଣ ପଢ଼ନ୍ତୁ

Buy Now!



A Shubhapallaba Publication

Scan to Buy